# ଓଡ଼ିଶାରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟ- ଏକ ଅଧ୍ୟୟନ

ଭାରତବର୍ଷରେ ଜଙ୍ଗଲ ଅଞ୍ଚଳ ଥିବା ରାଜ୍ୟମାନଙ୍କର ଶୀର୍ଷ ତାଲିକାରେ ଓଡ଼ିଶାର ସ୍ଥାନ ଚତୁର୍ଥରେ ଅଛି । ଦେଶର ସମୁଦାୟ ଜଙ୍ଗଲ ଅଞ୍ଚଳର ୭ ପ୍ରତିଶତ ଅଞ୍ଚଳ ଓଡ଼ିଶାରେ ଅଛି । ଏଣୁ ଅନ୍ୟ ରାଜ୍ୟମାନଙ୍କ ଭଳି ଓଡ଼ିଶାରେ ଜଙ୍ଗଲ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ସେମାନଙ୍କର ଜୀବନଧାରଣ ଓ ଉପାର୍ଜନ ନିମନ୍ତେ ଜଙ୍ଗଲ ଉପରେ ନିର୍ଭରଶୀଳ ଅଟନ୍ତି । ବର୍ଷର ଅର୍ଦ୍ଧାଧିକ ସମୟ ଚାଷବାସ ହେଉନଥିବା ସମୟରେ ଏହି ଲୋକମାନେ ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ଏହି ସଂଗୃହୀତ ଦ୍ରବ୍ୟରୁ କିଛି ଅଂଶ ସେମାନେ ନିଜସ୍ୱ ବ୍ୟବହାର କରନ୍ତି ଏବଂ ବଳକା ଅଂଶକୁ ବିକ୍ରିବଟା କରି ନିଜର ଗୁଜୁରାଣ ମେଣ୍ଟାଇ ଥାଆନ୍ତି ।

ସଂଗ୍ରହକାରୀମାନେ ଜଙ୍ଗଲରୁ ବିଭିନ୍ନ ସମୟରେ ବିଭିନ୍ନ କିସମର ଅଣକାଷ୍ଠ ବନଜାତଦ୍ରବ୍ୟ ସଂଗ୍ରହ କରିଥାନ୍ତି । କିନ୍ତୁ ଏହି ସଂଗୃହୀତ ଦ୍ରବ୍ୟ ସବୁକୁ ବିକ୍ରି କରି ସେମାନେ ନ୍ୟାଯ୍ୟ ପଇସା ପାଆନ୍ତି ନାହିଁ । କାରଣ ଆମ ରାଜ୍ୟରେ ଏହି ଦ୍ରବ୍ୟଗୁଡ଼ିକର ବିକାକିଣା ନିମନ୍ତେ ଆବଶ୍ୟକୀୟ ବଜାର ବ୍ୟବସ୍ଥାର ଘୋର ଅଭାବ ରହିଛି । ଏଥି ସହିତ ସମୟକ୍ରମେ ବଦଳୁଥିବା ବଜାରର ସ୍ଥିତି ବିଷୟରେ ସଂଗ୍ରହକାରୀମାନଙ୍କର ଅଜ୍ଞତା, ସ୍ୱଳ୍ପ ସଂଗ୍ରହ, ସାମୁହିକ ବିକ୍ରୟ ବ୍ୟବସ୍ଥାର ଅଭାବ, ସଂଗୃହୀତ ଦ୍ରବ୍ୟର ଗୁଣମାନ ଏବଂ ଓଜନମାପ ସମ୍ବନ୍ଧରେ ଅନଭିଜ୍ଞତା, ପ୍ରକ୍ରିୟାକରଣ ଓ ମୂଲ୍ୟଯୋଗ ପ୍ରକ୍ରିୟା ବିଷୟରେ ସବିଶେଷ ଜ୍ଞାନ ଆଦିର ଅଭାବ ଏବଂ ପରିବହନ ଆଦି ସମସ୍ୟା ଯୋଗୁଁ ବିଚରା ଗରିବ ସଂଗ୍ରହକାରୀ ଦ୍ରବ୍ୟଗୁଡ଼ିକୁ ଶାଗମାଛ ଦରରେ ବିକ୍ରୟ କରିବାକୁ ବାଧ୍ୟ ହୋଇଥାନ୍ତି । ଅନେକ ସମୟରେ ସେମାନଙ୍କୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟଠାରୁ ମଧ୍ୟ ଯଥେଷ୍ଟ କମ୍ ପଇସା ମିଳିଥାଏ ।

## ନୀତିନିୟମ

ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟକୁ ନିୟନ୍ତ୍ରଣ କରିବା ନିମନ୍ତେ ସରକାରୀ ନୀତିନିୟମର ଯଥେଷ୍ଟ ପ୍ରଭାବ ରହିଛି । ଅଣକାଷ୍ଠ ବନଜାତ ଦ୍ରବ୍ୟଗୁଡ଼ିକର ବଜାର ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ନିମନ୍ତେ ଏବଂ ଲୋକମାନଙ୍କୁ ଏହି ବ୍ୟବସାୟରୁ ଅଧିକରୁ ଅଧିକ ମୁନାଫା ପହଞ୍ଚାଇବା ନିମନ୍ତେ ବିଭିନ୍ନ ସମୟରେ ଅନେକ ନୀତି ଗଢା ହୋଇଛି ଅଥବା ଏଥିରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇଛି ।

ସମୟ ଥିଲା ଯେତେବେଳେ ଏହି ଦ୍ରବ୍ୟଗୁଡ଼ିକ କିଛି ବ୍ୟବସାୟୀ ଓ ସରକାରୀ ସଂସ୍ଥାମାନଙ୍କ ଦ୍ୱାରା ଏକଚାଟିଆ ଭାବେ ବ୍ୟବସାୟ ହେଉଥିଲା । ଏହି ପ୍ରକ୍ରିୟାରେ ପ୍ରାଥମିକ ସଂଗ୍ରହକାରୀମାନେ ଠିକ୍ ସମୟରେ ସଠିକ୍ ମୂଲ୍ୟ ପାଇବାରେ ଅସୁବିଧା ସୃଷ୍ଟି ହେଲା । ଏହି ଏକଚାଟିଆ ଲିଜ୍ ବ୍ୟବସ୍ଥାକୁ ୧୯୯୭ ମସିହାରେ ରାଜ୍ୟ ସରକାରଙ୍କର ଏକ ନିର୍ଦ୍ଦେଶନାମା ବଳରେ ରଦ୍ଦ କରାଯାଇ ଜାତୀୟକରଣ ହୋଇନଥିବା ଲଘୁବନଜାତ ଦ୍ରବ୍ୟଗୁଡ଼ିକୁ ଏକାଧିକ ବ୍ୟବସାୟୀ/ବ୍ୟବସାୟ ପ୍ରତିଷ୍ଠାନକୁ ଲିଜ୍ ଦିଆଗଲା । ଏହି ବ୍ୟବସ୍ଥାରେ ମଧ୍ୟ ପରିସ୍ଥିତିରେ ସେଭଳି କିଛି ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହେଲାନାହିଁ । ଲଘୁବନଜାତ ଦ୍ରବ୍ୟର ପ୍ରାଥମିକ ସଂଗ୍ରହକାରୀମାନେ ପୂର୍ବ ଭଳି ଶୋଷଣର ଶିକାର ହେଲେ । ସରକାର ୨୦୦୦ ମସିହାରେ ଏକ ଅଣକାଷ୍ଠ ବନଜାତ ଦ୍ରବ୍ୟ ନୀତି ପ୍ରଣୟନ କରି ଗ୍ରାମ ପଞ୍ଚାୟତକୁ ୬୭ଟି ଲଘୁ ବନଜାତ ଦ୍ରବ୍ୟର ମାଲିକାନା ହସ୍ତାନ୍ତର କଲେ । ଏହି ଆଇନ୍ ବଳରେ ସ୍ୱୟଂ ସହାୟକ ଦଳ ପ୍ରାଥମିକ, ସଂଗ୍ରହକାରୀ ସମବାୟ ସମିତି,ଲୋକ ସଂଗଠନମାନେ ବ୍ୟବସାୟରେ ସାମିଲ ହେବାର ସୁଯୋଗ ସୃଷ୍ଟି ହେଲା । ଏହି ସଂସ୍ଥାମାନେ ଲଘୁ ବନଜାତ ଦ୍ରବ୍ୟର ବିକ୍ରିବଟା କରିବା ସହିତ ପ୍ରକ୍ରିୟାକରଣ ଓ ମୂଲ୍ୟଯୋଗ ଆଦି ପ୍ରକ୍ରିୟା ମଧ୍ୟ ଆରମ୍ଭ କଲେ ।

## କେମିତି ଚାଲିଛି ଏହି ବ୍ୟବସାୟ ?

ଓଡ଼ିଶାରେ ମିଳୁଥିବା ଅନେକ ଅଣକାଷ୍ଠ ବନଜାତ ଦ୍ରବ୍ୟ ଉତ୍ତମ ଗୁଣମାନର ହୋଇଥିବାରୁ ଦେଶର ବିଭିନ୍ନ ଅଞ୍ଚଳକୁ ବିକ୍ରି ହେବା ନିମନ୍ତେ ଯାଇଥାଏ । ଏହି ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟ ବିଭିନ୍ନ ସୋପାନ ଦେଇ ଗତି କରିଥାଏ । ସଂଗ୍ରହଠାରୁ ଆରମ୍ଭ କରି ବଡ ବ୍ୟବସାୟୀ ବା ସର୍ବଶେଷ ଉତ୍ପାଦ ପ୍ରସ୍ତୁତି ନିମନ୍ତେ ପ୍ରକ୍ରିୟାକରଣ ହେଉଥିବା ଜାଗା ପର୍ଯ୍ୟନ୍ତ ପହଞ୍ଚିବା ବେଳକୁ ଏହା ଅନେକ ସ୍ତର ଦେଇ ଗତି କରିଥାଏ । ଏହା ଛୋଟ ବ୍ୟବସାୟୀ (କୁଚିଆ) ଠାରୁ ଆରମ୍ଭ କରି ବିଭିନ୍ନ ମାଧ୍ୟମ ଦେଇ ବଡ଼ ବ୍ୟବସାୟୀ ନିକଟରେ ପହଞ୍ଚିଥାଏ । ଏଣୁ ଦ୍ରବ୍ୟଗୁଡ଼ିକର ଦର, ବଜାରସ୍ଥିତି ଓ ଚାହିଦା, ମୂଲ୍ୟଯୋଗ ପ୍ରକ୍ରିୟା ବିଷୟରେ ପ୍ରାଥମିକ ସଂଗ୍ରହକାରୀ କିମ୍ବା ସେମାନଙ୍କର ସଂଗଠନ ଯଥା ସ୍ୱୟଂ ସହାୟକ ଗୋଷ୍ଠୀ, ସମବାୟ ସଂସ୍ଥା ଆଦିଙ୍କ ନିକଟରେ ଜାଣିବାର କୌଣସି ଅବକାଶ ନଥାଏ । ଏହି ତଥ୍ୟସବୁ ବିଭିନ୍ନ ସ୍ତରରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ଜଣାଥାଏ । ସେମାନେ ଏହି ତଥ୍ୟକୁ ପ୍ରାଥମିକ ସଂଗ୍ରହକାରୀ ଏବଂ ସେମାନଙ୍କର ସଂଗଠନଗୁଡ଼ିକୁ ଜଣାନ୍ତିନାହିଁ ।

ସମୟ ସମୟରେ ବ୍ୟବସାୟ ଋତୁ ଆସିଲେ ମଝିରେ ମଝିରେ କିଛି ବ୍ୟବସାୟୀ ଏହି ବ୍ୟବସାୟ ଭିତରକୁ ପଶି ଆସି ବଜାରରେ ଏକ କୃତ୍ରିମ ଅଭାବ ସୃଷ୍ଟି କରିଥାଆନ୍ତି ।

ଯଦିଓ ଆମ ରାଜ୍ୟରେ ଉନ୍ନତ ଗୁଣମାନର

ଅଣକାଷ୍ଠ ବନଜାତ ଦ୍ରବ୍ୟ ପ୍ରଚୁର ପରିମାଣରେ ମହଜୁଦ ଅଛି, କିନ୍ତୁ ପ୍ରକ୍ରିୟାକରଣର ସୁବିଧା ସୁଯୋଗ ନଥିବାରୁ ଅନ୍ୟ ରାଜ୍ୟରେ ଥିବା ପ୍ରକ୍ରିୟାକରଣ ଶିଳ୍ପମାନେ ଏହାର ଫାଇଦା ନେଉଛନ୍ତି, ବାହାର ରାଜ୍ୟରେ ଥିବା ପ୍ରକ୍ରିୟାକରଣ ଶିଳ୍ପର ସ୍ଥିତି, ଆବଶ୍ୟକତା ବିଷୟରେ ସାଧାରଣ ସଂଗ୍ରହକାରୀ କିମ୍ବା ସେମାନଙ୍କର ସଂଗଠନ କିଛି ଜାଣିନଥାନ୍ତି । ଏଣୁ ଏହି ଶିଳ୍ପମାନଙ୍କ ବିଷୟରେ ଅବଗତଥିବା ବ୍ୟବସାୟୀମାନେ ଜିନିଷ କିଣି ଏଥିରୁ ଭଲ ମୁନାଫା କମାନ୍ତି ।

ଓଡ଼ିଶାରେ ବ୍ୟବସାୟ କେନ୍ଦ୍ର

ସମୟକ୍ରମେ ଏହି ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟର ଫାଇଦାକୁ ଆଖି ଆଗରେ ରଖି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ କେତେଗୁଡ଼ିଏ ବ୍ୟବସାୟ ପ୍ରତିଷ୍ଠାନ ଗଢି ଉଠିଲା । ଏହି ବ୍ୟବସାୟ କେନ୍ଦ୍ରଗୁଡ଼ିକ ଓଡ଼ିଶାର ଅଣକାଷ୍ଠ ବନଜାତ ଦ୍ରବ୍ୟ ସବୁକୁ ଓଡ଼ିଶା ବାହାରେ ଥିବା ବ୍ୟବସାୟୀମାନଙ୍କୁ ବିକ୍ରି କରିଥାନ୍ତି । ଓଡ଼ିଶାରେ ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି, ସୁନ୍ଦରଗଡ଼ ଜିଲ୍ଲାର ବାଗଡିହି, ରାଜଗାଙ୍ଗପୁର ଏବଂ ସୁନ୍ଦରଗଡ଼, ସମ୍ବଲପୁର ଜିଲ୍ଲାର ବାମରା, ନବରଙ୍ଗପୁର ଜିଲ୍ଲାର ଉମରକୋଟ ଏବଂ ନୂଆପଡା ଜିଲ୍ଲାର ଖରିଆର୍ ଏବଂ ଖରିଆର୍ ରୋଡ୍ ଅଣକାଷ୍ଠ ବନଜାତ ଦ୍ରବ୍ୟର ମୁଖ୍ୟ ବ୍ୟବସାୟ କେନ୍ଦ୍ରମାନଙ୍କ ମଧ୍ୟରୁ ଅନ୍ୟତମ । ଏହି ପ୍ରାଥମିକ ବ୍ୟବସାୟ କେନ୍ଦ୍ରଗୁଡ଼ିକ ଏମାନଙ୍କ ଅବସ୍ଥିତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ପ୍ରଥମ କଥା ହେଲା ଏହି କେନ୍ଦ୍ରମାନଙ୍କର ଚତୁଃପାର୍ଶ୍ୱରେ ପ୍ରଚୁର ପରିମାଣର ଅଣକାଷ୍ଠ ବନଜାତ ଦ୍ରବ୍ୟ ମିଳିଥାଏ । ଦ୍ୱିତୀୟତଃ, ଏହି ସ୍ଥାନମାନଙ୍କରୁ ଅନେକ ଦେଶର ବିଭିନ୍ନ ଭାଗ ସହିତ ରେଳ ଦ୍ୱାରା ସଂଯୁକ୍ତ ଅଟେ କିମ୍ବା ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ଝାଡଖଣ୍ଡ ଭଳି ରାଜ୍ୟମାନଙ୍କର ସୀମା ନିକଟରେ ଅବସ୍ଥିତ । ସାଧାରଣତଃ ରେଳ ଦ୍ୱାରା ପରିବହନ ଶସ୍ତା ଏବଂ ସୁବିଧାଜନକ ହୋଇଥାଏ । ଏଣୁ ପରିବହନ ସୁବିଧା ଥିବା ସ୍ଥାନମାନଙ୍କରେ କାଳକ୍ରମେ ବ୍ୟବସାୟ କେନ୍ଦ୍ରମାନ ଗଢି ଉଠିଛି ।

ଏହି କେନ୍ଦ୍ରମାନଙ୍କରେ ଅବସ୍ଥିତ ବ୍ୟବସାୟୀମାନଙ୍କର ଦେଶର ବିଭିନ୍ନ ସହରରେ ଥିବା ବଡ଼ ବ୍ୟବସାୟୀମାନଙ୍କ ସହିତ ସଂପର୍କ ରହିଛି । ଏଣୁ କୌଣସି ପରିସ୍ଥିତିରେ ବଜାର ସ୍ଥିତିରେ ପରିବର୍ତ୍ତନ ଘଟିଲେ ମଧ୍ୟ ସେମାନେ ଦ୍ରବ୍ୟଗୁଡ଼ିକୁ ବିକ୍ରି ନିମନ୍ତେ ବିକଳ୍ପ ବ୍ୟବସ୍ଥା କରି ପାରନ୍ତି । ଏହି ବ୍ୟବସାୟ କେନ୍ଦ୍ରମାନଙ୍କରେ ବ୍ୟବସାୟୀମାନେ ସଂଗ୍ରହ ଋତୁରେ ମିଳୁଥିବା ଦ୍ରବ୍ୟଗୁଡ଼ିକୁ ସାଇତିବା ନିମନ୍ତେ ଗୋଦାମଘର ସବୁ ତିଆରି କରିଛନ୍ତି । ଫଳରେ ସଙ୍ଗେ ସଙ୍ଗେ ବିକ୍ରି ନକରି ବଜାର ଚାହିଦା ସମୟରେ ବିକ୍ରୟ କରି ଏଥିରୁ ଅଧିକ ଲାଭ କମାଇଥାଆନ୍ତି ।

କେଉଁମାନେ ଏହି ବ୍ୟବସାୟ ସହ ସଂପୃକ୍ତ ?

କୁଚିଆ: ଏହି ବ୍ୟବସାୟରେ ସବୁଠାରୁ ମୂଳ ସୋପାନରେ ଯେଉଁଲୋକଟି ଥାଏ ସେ ହେଲା କୁଚିଆ । ସାଧାରଣତଃ କୁଚିଆମାନେ ସ୍ଥାନୀୟ ଲୋକ । ପ୍ରଥମ ମଧ୍ୟବର୍ତ୍ତୀ ବ୍ୟବସାୟୀଠାରୁ ବା କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ କିଛି ପଇସା ଆଣି କୁଚିଆ ବ୍ୟବସାୟରେ ଲଗାଇଥାଏ, ପ୍ରତିଦିନ ସକାଳୁ ସେ ଜିନିଷ କିଣିବାକୁ ପ୍ରଥମ ମଧ୍ୟବର୍ତ୍ତୀ କ୍ଷୁଦ୍ର ବ୍ୟବସାୟୀଠାରୁ ପଇସା ଆଣେ । ସାଇକେଲରେ ଅଖାଟିଏ ବାନ୍ଧି ଘରକୁ ଘର ବୁଲି ଏହି କୁଚିଆମାନେ ଦ୍ରବ୍ୟ ସଂଗ୍ରହ କରିଥାନ୍ତି କିମ୍ବା ସାପ୍ତାହିକ ହାଟକୁ ଯାଇଥିବା ରାସ୍ତା କଡରେ ବସିଥାନ୍ତି । ଅନେକ ସମୟରେ ସ୍ଥାନୀୟ ହାଟରେ ଗୋଟିଏ ଛୋଟିଆ ଦୋକାନ କରିଥାନ୍ତି । ପ୍ରାଥମିକ ସଂଗ୍ରହକାରୀମାନଙ୍କ ସହିତ ସେମାନଙ୍କର ଉତ୍ତମ ସଂପର୍କ ଯୋଗୁଁ ପ୍ରଚୁର ପରିମାଣର ଜିନିଷ କିଣି ସେମାନେ ବ୍ୟବସାୟୀମାନଙ୍କୁ ବିକିଥାନ୍ତି । ଗ୍ରାମର ଅବସ୍ଥିତି, ନିକଟସ୍ଥ ବ୍ୟବସାୟ କେନ୍ଦ୍ରଠାରୁ ଗ୍ରାମର ଦୂରତା, ନିକଟବର୍ତ୍ତୀ ସହରରେ ଥିବା ବଜାରଦର ଏବଂ ପ୍ରାଥମିକ ସଂଗ୍ରହକାରୀଙ୍କର ମୂଲଚାଲକୁ ଆଖିରେ ରଖି କୁଚିଆ ଦର ନିର୍ଦ୍ଧାରଣ କରିଥାନ୍ତି । କେତେକ ସ୍ଥଳରେ ଏହି ଅଣକାଷ୍ଠ ବନଜାତ ଦ୍ରବ୍ୟକୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ (ଲୁଣ, ଗୁଡଳ) ଇତ୍ୟାଦିରେ ବଦଳ କରାଯାଇଥାଏ । ପ୍ରାଥମିକ ସଂଗ୍ରହକାରୀଙ୍କର ଜରୁରୀ ଆବଶ୍ୟକତା ସମୟରେ କୁଚିଆମାନେ ସେମାନଙ୍କୁ ଆର୍ଥିକ ସହାୟତା ଦେଇଥାନ୍ତି, ଯାହା ଅଗ୍ରୀମ ହିସାବରେ ସେମାନଙ୍କ ଉପରେ ରହିଥାଏ ଏବଂ ଅଣକାଷ୍ଠ ବନଜାତ ଦ୍ରବ୍ୟ ସଂପୃକ୍ତ କୁଚିଆକୁ ବିକି ସେମାନେ ଏହି ଅଗ୍ରୀମ ପରିଶୋଧ କରିଥାନ୍ତି । କୁଚିଆ ଏହି ବ୍ୟବସାୟରେ ଦ୍ରବ୍ୟର ଗୁଣମାନଅନୁସାରେ କିଲୋ ପ୍ରତି ୫୦ ପଇସାରୁ ୧ ଟଙ୍କା ପର୍ଯ୍ୟନ୍ତ ପାଇଥାନ୍ତି । ଅନେକ କ୍ଷେତ୍ରରେ କୁଚିଆମାନେ ଓଜନ ମାପରେ ମଧ୍ୟ ଠକେଇ କରିବାର ନଜିର ରହିଛି ।

କ୍ଷୁଦ୍ର ବ୍ୟବସାୟୀ/ମହାଜନ/ସେଠ

ଏହି ବ୍ୟବସାୟୀମାନେ କୁଚିଆର ଠିକ୍ ଉପରେ ସ୍ତରରେ ବ୍ୟବସାୟ କରିଥାଆନ୍ତି, ଏଣୁ ଏମାନଙ୍କର ଅନେକ ଗୁଡ଼ିଏ କୁଚିଆମାନଙ୍କ ସହ ଭଲ ସଂପର୍କ ରହିଥାଏ । ପରିବହନ ନିମନ୍ତେ ଏମାନଙ୍କ ନିକଟରେ ଛୋଟ ଛୋଟ ଗାଡ଼ି ରହିଥାଏ, ଯଦ୍ୱାରା କି ଏମାନେ ଗୋଟିଏ ଜାଗାକୁ ନେଇ ଜିନିଷକୁ ସାଇତି ରଖିଥାନ୍ତି । ଏହି ବ୍ୟବସାୟୀମାନେ କୁଚିଆମାନଙ୍କୁ ପ୍ରାଥମିକ ସଂଗ୍ରହକାରୀଙ୍କଠାରୁ ଜିନିଷ ଖରିଦ କରିବା ନିମନ୍ତେ ଅଗ୍ରୀମ ଦେଇଥାନ୍ତି । ଏମାନଙ୍କ ମଧ୍ୟରୁ ଅନେକ ତେଜରାତି ଦୋକାନ କରିଥାନ୍ତି, ଫଳତଃ ହାଟ ନହେଉଥିବା ଦିନରେ ଏମାନେ ପ୍ରାଥମିକ ସଂଗ୍ରହକାରୀଙ୍କଠାରୁ ଜିନିଷ କିଣି ନିଅନ୍ତି । ଏମାନେ କିଣିଥିବା ଜିନିଷ ସବୁକୁ ଜିଲ୍ଲାସ୍ତରୀୟ ବ୍ୟବସାୟୀ ବା ନିକଟସ୍ଥ ମଣ୍ଡିରେ ବିକ୍ରି କରିଥାନ୍ତି । ଏମାନେ ମଧ୍ୟ ସ୍ଥଳବିଶେଷରେ କିଲୋପିଛା ୫୦ ପଇସାରୁ ୧ ଟଙ୍କା ପର୍ଯ୍ୟନ୍ତ ପାଇଥାନ୍ତି ।

ମଧ୍ୟମଧରଣ ବ୍ୟବସାୟୀ

ଏହି ସୋପାନର ବ୍ୟବସାୟୀମାନେ ସାଧାରଣତଃ ସହରରେ ଥାଆନ୍ତି । ବଡ଼ ବ୍ୟବସାୟୀମାନଙ୍କ ସହ ଏମାନଙ୍କର ଭଲ ବ୍ୟବସାୟିକ ସମ୍ପର୍କ ଥାଏ । ଏମାନଙ୍କ ନିକଟରେ ବିଭିନ୍ନ ବିକଳ୍ପ ଥିବା ଓ ଗୋଦାମର ସୁବିଧା ଥିବା ଯୋଗୁଁ ଅଧିକ ଦର ନିମନ୍ତେ ମୂଲଚାଲ କରିପାରନ୍ତି । ଏହି ଶ୍ରେଣୀର ବ୍ୟବସାୟୀମାନେ ସଂଗୃହୀତ ଦ୍ରବ୍ୟ ସବୁକୁ ଗୋଦାମରେ ରଖିଥାନ୍ତି ଏବଂ ଦର ବଢିଲେ ବିକ୍ରି କରନ୍ତି ।

ବଡ଼ ବ୍ୟବସାୟୀ

ଏହି ଶ୍ରେଣୀର ବ୍ୟବସାୟୀଙ୍କ ସଂଖ୍ୟା ଅତି ନଗଣ୍ୟ । ଏମାନଙ୍କର ନିଜସ୍ୱ ଗୋଦାମ ଏବଂ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା ଥାଏ । ଏହି ବ୍ୟବସାୟମାନଙ୍କର ବଜାର ଦର ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ବ୍ୟବସାୟରେ ସମସ୍ୟା

ଓଡ଼ିଶାରେ ଏବେ ମଧ୍ୟ ଘରୋଇ ବ୍ୟବସାୟିକ ସଂସ୍ଥା, ବ୍ୟବସାୟୀଏବଂ କମ୍ପାନୀମାନଙ୍କର ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟ ଉପରେ ଏକ ଛଟିଆ ଅଧିକାର ରହିଛି । ଏହି ବ୍ୟବସାୟରେ ସରକାରୀ ସଂସ୍ଥାମାନେ ସେଭଳି ଆଖିଦୃଶିଆ ବ୍ୟବସାୟ ନ କରିପାରି ଥିବା ଯୋଗୁଁ ଗରିବ ପ୍ରାଥମିକ ସଂଗ୍ରହକାରୀଙ୍କର ସ୍ୱାର୍ଥରକ୍ଷାରେ ବିଫଳ ହୋଇଛନ୍ତି । ସଂଗ୍ରହକାରୀମାନଙ୍କର ଅଣକାଷ୍ଠ ବନଜାତ ଦ୍ରବ୍ୟ ସଂଗ୍ରହରୁ ଭଲ ଦି ପଇସା ରୋଜଗାର ହେଉନଥିବାରୁ ଏବେ ଅନେକ ବନଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି ।

ଅଣକାଷ୍ଠ ବନଜାତ ଦ୍ରବ୍ୟ ବ୍ୟବସାୟର ମୁଖ୍ୟ ଅସୁବିଧା ହେଲା ସୂଚନାର ଅଭାବ । ବଜାର ଦର, ବଜାରର ସ୍ଥିତି, ମୂଲ୍ୟଯୋଗ କୌଶଳ, ବଜାର ଚାହିଦା ଆଦି ବିଷୟରେ ପ୍ରାଥମିକ ସଂଗ୍ରହକାରୀଙ୍କ ନିକଟରେ ସୂଚନା ନଥାଏ । ଏଣୁ ସେମାନେ ସଂଗୃହୀତ ଦ୍ରବ୍ୟଗୁଡ଼ିକୁ ବିକ୍ରି କରି ସଠିକ୍ ପଇସା ପାଇନଥାନ୍ତି । ସମୟ ସମୟରେ ଏହି ସଂଗ୍ରହକାରୀମାନେ ଅଳ୍ପମୂଲ୍ୟରେ ବିକ୍ରି କରିବା ନିମନ୍ତେ ବାଧ ହେଉଥିବା ବେଳେ ବେଳେ ବଜାରସ୍ଥିତ ଓ ଚାହିଦା ସମ୍ବନ୍ଧରେ ଅଜ୍ଞାତାଯୋଗୁଁ ସଂଗୃହୀତ ଦ୍ରବ୍ୟ ସବୁକୁ ଅଳ୍ପ ଲାଭରେ ଦେଇ ଦିଅନ୍ତି ।

ଓଡ଼ିଶାରେ ପ୍ରାଥମିକ ସଂଗ୍ରହକାରୀମାନେ ଗୋଷ୍ଠିଗତ ଭାବେ ବ୍ୟବସାୟ କରୁନାହାନ୍ତି । ଏଣୁ ଅଣକାଷ୍ଠ ବନଜାତ ଦ୍ରବ୍ୟ ବ୍ୟବସାୟୀମାନେ ଜଣ ଜଣଙ୍କଠାରୁ କିଣି ଠକି ଥାଆନ୍ତି । କେତେକ ସାମାଜିକ ସମସ୍ୟା ଯୋଗୁଁ ସଂଗ୍ରହକାରୀମାନେ ଏକାଠି ହାଟକୁ ଯାଆନ୍ତି ନାହିଁ । ଅଧିକାଂଶ ବିକ୍ରିବଟା କୁଚିଆ ମାଧ୍ୟମରେ ହିଁ ହୋଇଥାଏ ।

ପ୍ରାଥମିକ ସଂଗ୍ରହକାରୀମାନେ ମୁଖ୍ୟତଃ ଗରିବ ଏବଂ ସେମାନଙ୍କର ବର୍ଷସାରା ଆୟର ପନ୍ଥା ନାହିଁ । ଏଣୁ ଅସୁବିଧା ସମୟରେ ସେମାନେ ବ୍ୟବସାୟୀଙ୍କଠାରୁ ଅଗ୍ରୀମ ଆଣିଥାନ୍ତି, ଫଳରେ ଋଣଗ୍ରସ୍ତ ହୋଇଥାନ୍ତି, ଏଣୁ ଅଣକାଷ୍ଠ ବନଜାତ ଦ୍ରବ୍ୟ ସଂଗ୍ରହ ଋତୁରେ ସେମାନେ ଅଗ୍ରୀମ ପଇସା ଆଣିଥିବା ବ୍ୟବସାୟୀଙ୍କୁ ସ୍ୱଳ୍ପ ମୂଲ୍ୟରେ ଦ୍ରବ୍ୟ ସବୁକୁ ଦେଇଥାନ୍ତି ।

ସୁଧାରିବା ନିମନ୍ତେ କେତୋଟି ସୂତ୍ର

ସଂଘବଦ୍ଧ ପ୍ରଚେଷ୍ଟା

ବଜାରରେ ମୂଲଚାଲ କରିବାର କ୍ଷମତା ବୃଦ୍ଧି ନିମନ୍ତେ ପ୍ରାଥମିକ ସଂଗ୍ରହକାରୀମାନଙ୍କୁ ଏକତ୍ରିତ ହେବାକୁ ପଡ଼ିବ । ଏହି ଏକତ୍ରିକରଣର ସ୍ୱରୂପ, ସ୍ୱୟଂସହାୟକ ଗୋଷ୍ଠୀ, ଫେଡେରେସନ୍, ସମବାୟ ଅନୁଷ୍ଠାନ, ଜଙ୍ଗଲ ସୁରକ୍ଷା କମିଟି କିମ୍ବା ଅନ୍ୟ କୌଣସି ଢାଞ୍ଚାଗତ ବ୍ୟବସ୍ଥା ହୋଇପାରେ । ଏହି ସଂଘ, ଦଳ କିମ୍ବା ଗୋଷ୍ଠୀ ମାଧ୍ୟମରେ ଅର୍ଥ ଏବଂ ଅନ୍ୟାନ୍ୟ ସାଧାରଣ ସମ୍ବଳ ମିଳିବା ନିମନ୍ତେ ପଥ ସୁଗମ ହୋଇପାରିବ, ଏହା ଫଳରେ ବଜାର ସଂପର୍କିତ ତଥ୍ୟ, ପ୍ରକ୍ରିୟାକରଣ ଶିକ୍ଷା ସହ ଯୋଗାଯୋଗ,



ବିଜ୍ଞାନ ସମ୍ମତ ଅମଳ ପ୍ରକ୍ରିୟା, ବର୍ଗୀକରଣ, ଶୁଖାଇବା, ପ୍ୟାକିଂ କରିବା, ସାଇତିବା ଆଦି ସାଧାରଣ ପ୍ରକ୍ରିୟାକରଣ କୌଶଳ ବିଷୟରେ ଜ୍ଞାନର ଆଦାନ ପ୍ରଦାନ ହେବ । ଫଳତଃ ଦ୍ରବ୍ୟର ଗୁଣମାନ ବୃଦ୍ଧି ସହିତ ଏହା ବଜାର ଉପଯୋଗୀ ହୋଇପାରିବ । ଏହା ବ୍ୟବସାୟୀମାନଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି ସଙ୍ଗେ ସଙ୍ଗେ ବେସରକାରୀ ଓ ସରକାରୀ ସଂଗଠନ, ଆର୍ଥିକ ଅନୁଷ୍ଠାନମାନଙ୍କୁ ମଧ୍ୟ ସହାୟତା ନିମନ୍ତେ ପ୍ରୋତ୍ସାହିତ କରିବ ।

*ବଜାର ଉନ୍ନୟନ ସଂସ୍ଥା*

ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟକୁ ସୁନିୟନ୍ତ୍ରିତ କରିବା ନିମନ୍ତେ ଜିଲ୍ଲା ସ୍ତରରେ ଏକ ବଜାର ଉନ୍ନୟନ ସଂସ୍ଥା ଗଠନ କରିବାର ଆବଶ୍ୟକତା ରହିଛି । ଏହି ସଂସ୍ଥାରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ, ଜଙ୍ଗଲ ବିଭାଗ କର୍ମକର୍ତ୍ତା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କର୍ମକର୍ତ୍ତା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, କିଛି ଗବେଷଣା ଅନୁଷ୍ଠାନ, ବ୍ୟବସାୟୀ, ଜଙ୍ଗଲ ସୁରକ୍ଷା, ସଂସ୍ଥାର କର୍ମକର୍ତ୍ତା, ସରକାରୀ ବିପଣନ ସଂସ୍ଥା, ବିତ୍ତୀୟ ଅନୁଷ୍ଠାନ, ବେସରକାରୀ ଅନୁଷ୍ଠାନ କର୍ମକର୍ତ୍ତା ରହିପାରିବେ । ଏହି ସଂସ୍ଥାର ଦାୟିତ୍ୱ ହେଲା ଅଣକାଷ୍ଠ ବନଜାତ ଦ୍ରବ୍ୟର ବିକ୍ରିବଟାକୁ ସୁପରିଚାଳନା କରି ବ୍ୟବସାୟ ବୃଦ୍ଧି କରିବା । ଦ୍ରବ୍ୟର ଗୁଣମାନ ବୃଦ୍ଧି ନିମନ୍ତେ ପଦକ୍ଷେପ ନେବା ସହ ଏହାର ପ୍ରକ୍ରିୟାକରଣକୁ ସୁନିଶ୍ଚିତ କରିବା ମଧ୍ୟ ସଂସ୍ଥା ମାଧ୍ୟମରେ କରାଯାଇପାରେ ।

# ବନଜାତ ଦ୍ରବ୍ୟ ବିକ୍ରିବଟା ଓ ଲାଞ୍ଜିଆ ସଉରା

ଆମ ରାଜ୍ୟ ଓଡ଼ିଶାରେ ଥିବା ୧୩ଟି ଆଦିମ ଅଧିବାସୀଙ୍କ ମଧ୍ୟରୁ ଲାଞ୍ଜିଆ ସଉରା ଗୋଟିଏ । ଏମାନେ ମୁଖ୍ୟତଃ ରାୟଗଡ଼ା ଜିଲ୍ଲାର ଗୁଣୁପୁର ବ୍ଲକ୍‌ରେ ବସବାସ କରନ୍ତି । ଏହି ସଂପ୍ରଦାୟ ବସବାସ କରୁଥିବା ଶଗଡ଼ା ଓ ପୁଟାସିଂହ ଗ୍ରାମପଞ୍ଚାୟତ ଗୁଣୁପୁରଠାରୁ ୨୫ ରୁ ୨୬ କିଲୋମିଟର ଦୂରରେ ଅବସ୍ଥିତ । ଦୁଇଟି ଘାଟି ଏବଂ ଅଙ୍କାବଙ୍କା ରାସ୍ତା ଦେଇ ଏହି ପଞ୍ଚାୟତରେ ପହଞ୍ଚିବାକୁ ହୋଇଥାଏ । ଏହି ଦୁଇ ପଞ୍ଚାୟତ ମଧ୍ୟରୁ ଶଗଡ଼ା ପଞ୍ଚାୟତରେ ଶତ ପ୍ରତିଶତ ଲୋକ ଲାଞ୍ଜିଆ ସଉରା ସଂପ୍ରଦାୟର ହୋଇଥିବା ବେଳେ ପୁଟାସିଂହରେ ୬୦ ପ୍ରତିଶତ ଲୋକ ଏହି ସଂପ୍ରଦାୟର ଅଟନ୍ତି । ଏମାନଙ୍କର ଉନ୍ନତିକଳ୍ପେ ୧୯୮୪ ମସିହାରେ ସରକାର ଏକ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା ତିଆରି କରିଛନ୍ତି । ଲୋକ ସଂଖ୍ୟାର ଅନୁପାତକୁ ବିଚାରକୁ ନେଇ ଏହି ସଂସ୍ଥା କେବଳ ଶଗଡ଼ା ପଞ୍ଚାୟତ ନିମନ୍ତେ କାର୍ଯ୍ୟ କରୁଅଛି ।

ଶଗଡ଼ା ଗ୍ରାମପଞ୍ଚାୟତର ୮ଟି ରାଜସ୍ୱ ଗ୍ରାମ ଓ ୧୨ଟି ପଡ଼ାଗ୍ରାମରେ ଏହି ଲାଞ୍ଜିଆ ସଉରାମାନେ ବସବାସ କରନ୍ତି । ଏହି ଗ୍ରାମରେ ଥିବା ୯୧୩ଟି ପରିବାରରେ ୩୨୧୬ ଜଣ ଏହି ସଂପ୍ରଦାୟର ଲୋକ ଅଛନ୍ତି । ଏହି ପଞ୍ଚାୟତଟି ଭୌଗଳିକ ଦୃଷ୍ଟିକୋଣରୁ ଅନୁନ୍ନତ । ଗମନାଗମନର ଅସୁବିଧା ଏବେ ବି ପଞ୍ଚାୟତରେ ଅଧିବାସୀଙ୍କୁ ଅନେକ ମୌଳିକ ସୁବିଧାରୁ ବଞ୍ଚିତ କରିଛି । ଏହି ପଞ୍ଚାୟତର ସୀମାକୁ ଲାଗି ଗୋଟିଏ ପଟେ ଗଜପତି ଜିଲ୍ଲାର ନୂଆଗଡ଼ ଓ ଗୁମ୍ମା ପରି ଅନୁନ୍ନତ ବ୍ଲକ ଥିବାବେଳେ ଅନ୍ୟପଟେ ରାୟଗଡ଼ା ଜିଲ୍ଲାର ଗୁଣୁପୁର ବ୍ଲକ । ଏଣୁ ଏହି ଅଞ୍ଚଳର ଲୋକମାନେ ଅର୍ଥନୈତିକ ଭାବେ ଅନୁନ୍ନତ । ଏହି କାରଣରୁ ଲୋକମାନେ ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟକୁ କୁଲି ମଜୁରୀ ଖଟିବାକୁ ଯାଇଥାନ୍ତି । ଏହି ବାହାର ରାଜ୍ୟକୁ ଯିବାର ଅନ୍ୟ ଏକ ପ୍ରମୁଖ କାରଣ ହେଲା, ଲାଞ୍ଜିଆ ସଉରାମାନେ କେତେକ ପାରମ୍ପରିକ ବିଶ୍ୱାସ ଯୋଗୁଁ ନିଜ ଜିଲ୍ଲାରେ ମୂଲ ଲାଗନ୍ତି ନାହିଁ । ଏହାଛଡ଼ା ଏମାନଙ୍କ ମଧ୍ୟରୁ ଅନେକ ଝୁମ୍ ଚାଷ ମଧ୍ୟ କରିଥାଆନ୍ତି । ଏହି ଅଞ୍ଚଳର ମୁଖ୍ୟଶସ୍ୟଗୁଡ଼ିକ ହେଲା ଧାନ, ବାଜରା, କାନ୍ଦୁଲ, ଝୁଡ଼ଙ୍ଗ ଏବଂ ହଳଦୀ । ବର୍ଷକୁ ହାରାହାରୀ ୪ ମାସ ସେମାନେ ଚାଷକାମରେ ରହିଥାଆନ୍ତି । ଏହି ଚାଷ ଏବଂ ମୂଲ କାମରୁ ସେମାନେ ବର୍ଷକୁ ଛଅ ମାସ ନିଜର ଗୁଜୁରାଣ ମେଣ୍ଟାଇ ଥାଆନ୍ତି । ବର୍ଷକର ବଳକା ଛଅ ମାସ ଜୀବନଧାରଣ ନିମନ୍ତେ ସେମାନେ ଅଣକାଷ୍ଠ ବନଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାଆନ୍ତି ।

ଏଇଥିରୁ ସହଜରେ ଅନୁମେୟ ଯେ ଲାଞ୍ଜିଆ ସଉରାମାନେ ନିଜର ଜୀବନ ଜୀବିକା ନିମନ୍ତେ ଜଙ୍ଗଲ ଉପରେ କେତେ ପରିମାଣରେ ନିର୍ଭରଶୀଳ । ଲାଞ୍ଜିଆ ସଉରା ଓ ଜଙ୍ଗଲ ପରସ୍ପରର ପରିପୂରକ । ଏକ ସାଧାରଣ ହିସାବରୁ ଜଣାଯାଇଛି, ସେମାନଙ୍କର ସମୁଦାୟ ବାର୍ଷିକ ଆୟର ଆନୁମାନିକ ୬୫ ପ୍ରତିଶତ ଜଙ୍ଗଲଜାତ ଦ୍ରବ୍ୟରୁ ହିଁ ମିଳିଥାଏ । ଏହି ଶଗଡ଼ା ପଞ୍ଚାୟତର ପ୍ରାୟ ତିନି ଚତୁର୍ଥାଂଶ ଲୋକଙ୍କର ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରି ଆୟର ଏକ ପ୍ରମୁଖ ମାଧ୍ୟମ । ଏମାନେ ଜଙ୍ଗଲରୁ ତେନ୍ତୁଳି, ଭାଲିଆ, ମହୁଲ, ଟୋଲ ଏବଂ ଅଁଳା ଆଦି ସଂଗ୍ରହ କରିଥାନ୍ତି ।

ବିକ୍ରି ବ୍ୟବସ୍ଥା

୨୦୦୦ ମସିହା ମାର୍ଚ୍ଚ ମାସର ନୀତି ପ୍ରଣୟନ ପୂର୍ବରୁ ଲାଞ୍ଜିଆ ସଉରା ସେମାନଙ୍କ ଦ୍ୱାରା ଜଙ୍ଗଲ ଜାତ ଦ୍ରବ୍ୟଗୁଡ଼ିକୁ ଲିଜ୍ ନେଇଥିବା ବ୍ୟକ୍ତିମାନଙ୍କୁ ହିଁ ବିକ୍ରି କରୁଥିଲେ । ସେମାନଙ୍କ ନିକଟରେ ଏହାର ବିକଳ୍ପ ନଥିଲା । ଏହି ନୀତି ଘୋଷିତ ହେବାପରେ ୨୦୦୨ ମସିହା ପର୍ଯ୍ୟନ୍ତ ଲୋକମାନେ ସେମାନଙ୍କର ସଂଗୃହୀତ ଦ୍ରବ୍ୟସବୁକୁ ନେଇ ନିକଟସ୍ଥ ବ୍ଲକ୍ ହେଡକ୍ୱାର୍ଟର ଗୁଣୁପୁରରେ ନେଇ ବିକୁଥିଲେ । ଏହା ଫଳରେ ଯଦିଓ ସେମାନେ ପୂର୍ବ ଅପେକ୍ଷା କିଛି ଅଧିକ ପଇସା ଉପାର୍ଜନ କଲେ, କିନ୍ତୁ କିଛି ଦିନ ପରେ ସେମାନେ ଅନୁଭବ କଲେ ଯେ ବ୍ୟବସାୟୀମାନେ ସେମାନଙ୍କୁ ଓଜନମାପ, ଭଲନଥିବା କହି ଠକୁଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ ଅନୁଭବ କଲେ ଯେ ଜଣ ଜଣ ହୋଇ ବିକ୍ରି କରିବାରୁ ଏହି ସମସ୍ୟା ଉପୁଜୁଛି ।

ଏହି ସମସ୍ୟାର ସମାଧାନ ନିମନ୍ତେ ସେମାନେ ଏକ ଉପାୟ ପାଞ୍ଚିଲେ । ଆଉ ଜଣ ଜଣ କରି ବ୍ୟବସାୟ ନକରି ସମୂହ ଭାବରେ ବ୍ୟବସାୟ କଲେ ହୁଏତ ଏହି ସମସ୍ୟାରୁ ମୁକୁଳି ପାରିବେ । ଏହି ବିଚାରରେ କିଛି ଗ୍ରାମରେ ଗଢାହେଲା ସ୍ୱୟଂ ସହାୟକ ଗୋଷ୍ଠୀ, ଯେଉଁ ଗ୍ରାମମାନଙ୍କରେ ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀ ଥିଲା, ସେଗୁଡ଼ିକୁ ପୁନଃରୁତ୍‌ଥାନ କରାଗଲା । ଏହି ଗୋଷ୍ଠୀଗୁଡ଼ିକୁ ଅଣକାଷ୍ଠ ବନଜାତ ବ୍ୟବସାୟ ନିମନ୍ତେ ପ୍ରସ୍ତୁତ କରାଗଲା । ଏହା ଫଳରେ ଗୋଷ୍ଠୀଗୁଡ଼ିକ ବ୍ୟବସାୟୀମାନଙ୍କ ସହ ସମୂହ ମୂଲଚାଲ କରିବାର ସୁଯୋଗ ପାଇଲେ । ଏହାପରେ ଏହି ଗୋଷ୍ଠୀମାନେ ବଜାର ସମ୍ପର୍କିତ ତଥ୍ୟସବୁ ସଂଗ୍ରହ କଲେ ଏବଂ ବିଭିନ୍ନ ବ୍ୟବସାୟୀଙ୍କ ସହ କିଣାବିକା ନିମନ୍ତେ ସମ୍ପର୍କ ସ୍ଥାପନ କଲେ । ବଜାର ଦର, ସ୍ଥିତି, ଗ୍ରହିତା ଆଦି ସଂପର୍କରେ ତଥ୍ୟ ସେମାନଙ୍କ ପାଖରେ ମହଜୁଦଥିବାରୁ ଠକାମୀରୁ କିଛି ମାତ୍ରାରେ ବର୍ତ୍ତିଗଲେ ।

ବିଭିନ୍ନ ସମୟରେ ସଭା ଓ ଆଲୋଚନା ଆଦି କରି ସେମାନେ ଏହି ଗୋଷ୍ଠୀ (ସମୂହ) ବ୍ୟବସାୟ ପ୍ରକ୍ରିୟାକୁ ଆଗକୁ ବଢାଇଲେ । ଏହି ସଭାମାନଙ୍କରେ ପରବର୍ତ୍ତୀ ସଂଗ୍ରହ, ଗୋଦାମକରଣ ଏବଂ ବ୍ୟବସାୟ ନିମନ୍ତେ ନୀତି

ନିର୍ଦ୍ଧାରଣ ପର୍ଯ୍ୟାୟକ୍ରମେ ଏବଂ ଏହାକୁ କାର୍ଯ୍ୟକାରୀ କରାଗଲା ।

ଏହି ଅଞ୍ଚଳରେ ପ୍ରଚୁର ପରିମାଣରେ ତେନ୍ତୁଳି, ମହୁଲ, ଟୋଲ ଏବଂ ଭାଲିଆ ମିଳିଥାଏ । ଏଗୁଡ଼ିକର ବିକ୍ରି ନିମନ୍ତେ ଏକ ସାମୂହିକ ପ୍ରକ୍ରିୟା ଆରମ୍ଭ କଲେ ଏହି ଅଞ୍ଚଳର ଆଦିବାସୀ ପ୍ରାଥମିକ ସଂଗ୍ରହକାରୀମାନେ । ଏହି ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ନିମନ୍ତେ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା ସହାୟତାର ହାତ ବଢାଇଲା । ଏହି ସଂସ୍ଥା ତରଫରୁ ବ୍ୟବସାୟ ନିମନ୍ତେ କିଛି ଆର୍ଥିକ ଅନୁଦାନ ମିଳିଲା । ସେମାନଙ୍କୁ ଟଙ୍କା ମିଳିଗଲା ପରେ ସଭ୍ୟମାନେ ଅଣକାଷ୍ଠ ବନଜାତ ଦ୍ରବ୍ୟ ସଂଗ୍ରହ କରି ଗାଆଁର ଏକ ସର୍ବସାଧାରଣ ସ୍ଥାନରେ ବା ସଭ୍ୟମାନଙ୍କ ଘରେ ଠୁଳ କଲେ । ତାପରେ ଆବଶ୍ୟକୀୟ ଅମଳ ପରବର୍ତ୍ତୀ ପ୍ରକ୍ରିୟା ପରେ ଏହି ଦ୍ରବ୍ୟଗୁଡ଼ିକୁ ଅଖା ବସ୍ତାରେ ପ୍ୟାକିଂ କଲେ । କିନ୍ତୁ ଏହି ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ସେମାନେ ବ୍ୟବସାୟମାନଙ୍କୁ ଖବର ଦେଇ ସାରିଥିଲେ । ଫଳରେ ସଂଗ୍ରହ ଓ ପ୍ୟାକିଂ ପରେ ପରେ ବ୍ୟବସାୟୀମାନେ ଗାଆଁକୁ ଆସି ନିଜ ପରିବହନରେ ଦ୍ରବ୍ୟ ସବୁକୁ ନେଇଗଲେ । ଏହି ବ୍ୟବସ୍ଥା ସତ୍ତ୍ୱେ ବି ବଳକାଥିବା ଦ୍ରବ୍ୟଗୁଡ଼ିକୁ ସେମାନେ ଗୁଣୁପୁର ନେଇ ସେଠାରେ ଥିବା ସ୍ଥାନୀୟ ବ୍ୟବସାୟୀଙ୍କୁ ବିକ୍ରି କଲେ । ଏହି ବ୍ୟବସାୟୀମାନେ ମଧ୍ୟ ପୁଟାସିଂ ଏବଂ ଶଗଡ଼ା ପଞ୍ଚାୟତରେ ସେମାନଙ୍କର ଏଜେଣ୍ଟମାନଙ୍କୁ ନିଯୁକ୍ତି ଦେଇଛନ୍ତି । ଏହି ଏଜେଣ୍ଟମାନେ କମିଶନ ନେଇ ବ୍ୟବସାୟୀମାନଙ୍କ ନିମନ୍ତେ ଅଣକାଷ୍ଠ ବନଜାତ ଦ୍ରବ୍ୟ ଯୋଗାଡ଼ କରିଥାନ୍ତି । ଗୁଣୁପୁରର ବ୍ୟବସାୟୀମାନେ ଏହି ଦ୍ରବ୍ୟସବୁକୁ ନିକଟସ୍ଥ ଆନ୍ଧ୍ରପ୍ରଦେଶର ବାଟିଲି, ଅଡବାଙ୍ଗୀ, ସାଲୁର ଏବଂ ପାର୍ବତିପୁରମ୍‌ରେ ବିକ୍ରି କରିଥାନ୍ତି । ବେଳେବେଳେ ଏହି ସ୍ଥାନମାନଙ୍କରୁ ମଧ୍ୟ ବ୍ୟବସାୟୀମାନେ ଆସି ସଂଗୃହୀତ ଦ୍ରବ୍ୟ ସବୁ କିଣି ନେଇଥାନ୍ତି । ସଂଗ୍ରହକାରୀମାନେ ଟୋଲ୍ ସଂଗ୍ରହ ପରେ ନିକଟସ୍ଥ ପଞ୍ଚାୟତରେ ଥିବା ତେଲ ପେଷିବା ମେସିନ୍‌କୁ ନେଇଯାଆନ୍ତି । ତେଲ ପେଷିବା ପରେ ପିଡିଆକୁ ପେଷିବାବାଲା ନିଅନ୍ତି । ପେଷିବା ମଜୁରୀ ନିମନ୍ତେ ଏହି ପିଡ଼ିଆ ନିଆଯାଏ । ଏଣୁ ପେଷିବା ନିମନ୍ତେ କୌଣସି ପଇସା ଲାଗିନଥାଏ । ସଂଗ୍ରହକାରୀ ତେଲକୁ ଆଣି ନିଜର ଖାଇବା ଓ ଅନ୍ୟାନ୍ୟ ବ୍ୟବହାରରେ ଲଗାନ୍ତି । କୌଣସି କ୍ଷେତ୍ରରେ ଦ୍ରବ୍ୟଗୁଡ଼ିକ ବିକ୍ରି ହେବାରେ ଅସୁବିଧା ଉପୁଜିଲେ କିମ୍ବା ଦର ଠିକ୍ ନହେଲେ ଗ୍ରାମବାସୀମାନେ ସଂଗୃହୀତ ଅଣକାଷ୍ଠ ବନଜାତ ଦ୍ରବ୍ୟଗୁଡ଼ିକୁ ରଖି ଦିଅନ୍ତି । ସମୟ ସମୟରେ ଏହି ଗୋଦାମରେ ୬ ମାସ ପର୍ଯ୍ୟନ୍ତ ରଖିଥାନ୍ତି । ବିଶେଷକରି ମହୁଲ ବିକ୍ରି କ୍ଷେତ୍ରରେ ଏହା ଘଟିଥାଏ । ଭାଲିଆ କିନ୍ତୁ ସଙ୍ଗେ ସଙ୍ଗେ ଭଲ ଦରରେ ବିକ୍ରି ହୋଇଥାଏ ।

## ଗୋଷ୍ଠୀ ବିକ୍ରିର ପ୍ରଭାବ

ପ୍ରଥମେ ପ୍ରଥମେ ଦଳମାନେ ବିକ୍ରି କରିବାକୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ । କିନ୍ତୁ କାଳକ୍ରମେ ସେମାନେ ବ୍ୟବସାୟରେ ଥିବା ବିଭିନ୍ନ ଦିଗ ବିଷୟରେ ଅବଗତ ହେଲା ପରେ ଏବେ ସେମାନଙ୍କ ପାଇଁ ବ୍ୟବସାୟ କ୍ରମଶଃ ସହଜ ହୋଇଯାଇଛି । ସମୂହ ଉଦ୍ୟମ ଯୋଗୁଁ ସେମାନେ ବଜାର ବିଷୟରେ ଧାରଣ ପାଇପାରୁଛନ୍ତି । ସେମାନଙ୍କ ମଧ୍ୟରେ ଥିବା ପରିଚାଳନାଗତ ଅଭାବ ଅସୁବିଧାକୁ ମଧ୍ୟ ଚିହ୍ନଟ କରି ତାହାକୁ ଦୂର କରିବାରେ ସକ୍ଷମ ହୋଇଛନ୍ତି ।

ଶଗଡ଼ା ପଞ୍ଚାୟତରେ ଥିବା ୧୦ଟି ସ୍ୱୟଂ ସହାୟକ ଦଳ ଚଳିତବର୍ଷ ୧୫ ଟ୍ରକରୁ ଅଧିକ ତେନ୍ତୁଳି, ପ୍ରାୟ ୭ ଟ୍ରକ ମହୁଲ ଭଲ ଦରରେ ବିକ୍ରି କରିପାରିଛନ୍ତି । ସାରା ରାଜ୍ୟରେ ତେନ୍ତୁଳିର କିଲୋ ପିଛା ଦର ୭ ଟଙ୍କା ଥିଲାବେଳେ ସେମାନେ ନିଜ ଗ୍ରାମରେ କିଲୋ ପିଛା ଟ୫.୭୦ ପଇସା କମାଇବାରେ ସକ୍ଷମ ହୋଇଛନ୍ତି । ଯଦି ପରିବହନ ଖର୍ଚ୍ଚକୁ ହିସାବକୁ ନିଆଯାଏ ତେବେ ସେମାନେ ଏଥିରୁ ପ୍ରତିଯୋଗୀତା ମୂଳକ ପଇସା ପାଇପାରିଛନ୍ତି । ବ୍ୟବସାୟରେ ସ୍ୱାବଲମ୍ବୀ ହେବା ନିମନ୍ତେ ଶଗଡ଼ା ପଞ୍ଚାୟତରେ ୫ଟି ବଡ଼ ଓଜନ କରିବା ଯନ୍ତ୍ର କିଣାଯାଇଛି । ସବୁ ଗୋଷ୍ଠୀମାନେ ଆବଶ୍ୟକ ସ୍ଥଳେ ଏହି ଯନ୍ତ୍ରକୁ ବ୍ୟବହାର କରୁଛନ୍ତି । ସେମାନଙ୍କର ସମୂହ ମୂଲଚାଲ କରିବାର ଦକ୍ଷତାରେ ଢେର୍ ଉନ୍ନତି ଘଟିଛି । ବର୍ତ୍ତମାନ ସେମାନେ କ୍ଲବ୍ ଘର, ଗୋଦାମ ଘର ଭଳି ଗୋଷ୍ଠୀ ସମ୍ପଦକରିବା ଦିଗରେ ମନ ବଳାଇଛନ୍ତି । ବ୍ୟବସାୟରେ ସଫଳତା ଯୋଗୁଁ ଏବେ ସ୍ୱୟଂ ସହାୟକ ଦଳଗୁଡ଼ିକ ସମବାୟ ଗଠନ କରି ସେମାନଙ୍କର ଦ୍ରବ୍ୟଗୁଡ଼ିକ ଏହି ସମବାୟ ସମିତି ମାଧ୍ୟମରେ ବ୍ୟବସାୟ କରିବା ନିମନ୍ତେ ଉଦ୍ୟମରତ । ସଂଗଠିତ ଉଦ୍ୟମ ଯେ ସଫଳତାର ଚାବିକାଠି, ଲାଞ୍ଜିଆ ସଉରା ସମ୍ପ୍ରଦାୟର ଉଦ୍ୟମ ଏହାର ଏକ ନିଚ୍ଛକ ଉଦାହରଣ ।

### ଜାଣିବା କଥା

ନିମ୍ବ ମଞ୍ଜି ଓ ଏହାର ଶସରୁ ପ୍ରସ୍ତୁତ ତେଲ ଏବଂ ନିମ୍ବର ପିଡ଼ିଆ ଏକ ସଫଳ ଜୈବ କୀଟନାଶକ ଭାବେ ବିଭିନ୍ନ ଫସଲର ସୁରକ୍ଷା ନିମନ୍ତେ ବ୍ୟବହୃତ ହୋଇପାରିବ । ଧାନ, ଚିନାବାଦାମ, ନଡିଆ, ଗୁଆ, ବିରି, ଲଙ୍କା, କପା ଓ ପାନ ଆଦି ଫସଲରେ ଏହାର ଯଥେଷ୍ଟ ଲାଭଦାୟକ ହୋଇଥାଏ । ନିମ୍ବରେ ମହଜୁଦଥିବା ଆଜାଡିରାକ୍ଟିନ୍, ନିମ୍ବସିଡିନ୍ ଏବଂ ଅନ୍ୟାନ୍ୟ ଯୌଗିକ ପଦାର୍ଥରେ କୀଟନାଶକ ତତ୍ତ୍ୱ ମହଜୁଦ ଥିବାର ପ୍ରମାଣ ମିଳିଛି । ନିମ୍ବ ତେଲର ଏକ ପତଳା ପ୍ରଲେପ ସାଇତି ରଖିଥିବା ଖାଦ୍ୟ ଶସ୍ୟକୁ ୨୦ ମାସ ପର୍ଯ୍ୟନ୍ତ କୌଣସି ବାହ୍ୟ ପ୍ରଭାବରୁ ଏବଂ ପୋକଯୋକଙ୍କଠାରୁ ସୁରକ୍ଷା ଦେଇଥାଏ । ଏହି ଜୈବ କୀଟନାଶକ ପରିବେଶକୁ କୌଣସି କ୍ଷତି ପହଞ୍ଚାଇ ନଥାଏ । ଏଣୁ ଏହାର ବ୍ୟବହାର ସଂପୂର୍ଣ୍ଣ ନିରାପଦ ଅଟେ ।

# ଶାଳପତ୍ର ନୀତି କବଳରେ ବିପନ୍ନ ଜୀବିକା

ଓଡ଼ିଶାରେ ଲକ୍ଷ ଲକ୍ଷ ଆଦିବାସୀ ଓ ଜଙ୍ଗଲ ଅଧିବାସୀଙ୍କର ଜୀବନ ଜୀବିକାର ଏକ ପ୍ରମୁଖ ମାଧ୍ୟମ ରୂପେ ଶାଳପତ୍ର ପରିଗଣିତ। ମୁଖ୍ୟତଃ ମୟୁରଭଞ୍ଜ, କେନ୍ଦୁଝର, କନ୍ଧମାଳ, ଅନୁଗୁଳ,ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଏବଂ ନୟାଗଡ଼ ଜିଲ୍ଲାରେ ଏହା ପ୍ରଚୁର ପରିମାଣରେ ବ୍ୟବସାୟ ହୋଇଥାଏ। ଶାଳପତ୍ରରୁ ପ୍ରସ୍ତୁତ ଖଲି ଓ ଦନାର ରାଜ୍ୟ ଓ ରାଜ୍ୟ ବାହାରେ ବଜାର ଚାହିଦା ରହିଛି। ଓଡ଼ିଶାରେ ମିଳୁଥିବା ଶାଳପତ୍ର ଉଚ୍ଚଗୁଣମାନର ହୋଇଥିବାରୁ ଦେଶରେ ହେଉଥିବା ସମୁଦାୟ ବ୍ୟବସାୟର ହାରାହାରୀ ୮୦ ପ୍ରତିଶତ ବ୍ୟବସାୟ ଓଡ଼ିଶାରେ ହିଁ ହୋଇଥାଏ। ଏହି ବ୍ୟବସାୟରେ ନିୟୋଜିତ ପରିବାରମାନେ ବର୍ଷକୁ ପ୍ରାୟ ୬ ରୁ ୯ ମାସ ପର୍ଯ୍ୟନ୍ତ ରୋଜଗାର ପାଇଥାନ୍ତି।

ଏହି ବ୍ୟବସାୟରୁ ସରକାର ମଧ୍ୟ ରୟାଲଟି ଓ ଟିକସ ବସାଇ ବେଶ୍ ଦି'ପଇସା କମାଇଥାନ୍ତି। ଶାଳପତ୍ର ଉପରେ ରୟାଲଟି ଓ ଟିକସ ବସିବା କିଛି ନୂଆ କଥା ନୁହେଁ। ସ୍ୱାଧୀନତା ପୂର୍ବରୁ ମଧ୍ୟ ଗୋଟିଏ ବୋଝ ପତ୍ର ଉପରେ ଏକ ଅଣା ରୟାଲଟି ଆଦାୟ କରାଯାଉଥିଲା। ଏହାପରେ ଅନେକଥର ବଦଳିଛି ଶାଳପତ୍ର ନୀତି। ସତୁରୀ ଦଶକରେ ସରକାର ରୟାଲଟି କୁଇଣ୍ଟାଲ ପିଛା ୩ ଟଙ୍କା ୧୫ ପଇସା ଧାର୍ଯ୍ୟ କଲେ। ଏହି ରୟାଲଟି ହାର ବୃଦ୍ଧି ପାଇ ପରବର୍ତ୍ତୀ ସମୟରେ କୁଇଣ୍ଟାଲ ପିଛା ୧୪ ଟଙ୍କା ୭୦ ପଇସା ହେଲା। ଏହଛଡ଼ା ସରକାର ୧୦ ପ୍ରତିଶତ ବିକ୍ରି କର ଏବଂ କିଣିବା ଉପରେ ମଧ୍ୟ ୪ ପ୍ରତିଶତ କର ଆଦାୟ କରୁଥିଲେ। ୧୯୮୪ ମସିହାରୁ ୧୯୯୨ ମସିହା ପର୍ଯ୍ୟନ୍ତ ସରକାର ଶାଳପତ୍ର ବ୍ୟବସାୟକୁ ଟିକସ ଓ ରୟାଲଟି ମୁକ୍ତ କରିଦେଲେ। ୧୯୯୨ ମସିହାରୁ ୨୦୦୦ ମସିହା ପର୍ଯ୍ୟନ୍ତ ଏହି ବ୍ୟବସାୟ ଟି.ଡ଼ି.ସି.ସି. ଓ ଓ.ଏଫ୍.ଡ଼ି.ସି. ଭଳି ସରକାରୀ ସଂସ୍ଥାମାନଙ୍କ ହାତକୁ ଦେଲେ ଏବଂ ସଂଗ୍ରହ ମୂଲ୍ୟ ଉପରେ ୧୦ ପ୍ରତିଶତ ରୟାଲଟି ଧାର୍ଯ୍ୟ କଲେ। ଗୋଟିଏ ମାସପରେ ଅର୍ଥାତ୍ ନଭେମ୍ବର ମାସରେ ଏହି ହାର ପୁନର୍ବାର ୫ ପ୍ରତିଶତକୁ ଖସି ଆସିଲା। ସେହି ବର୍ଷ ଶେଷରେ ରୟାଲଟିକୁ ସଂପୂର୍ଣ୍ଣଭାବେ ପ୍ରତ୍ୟାହାର କରି ନିଆଗଲା। ୨୦୦୧ ମସିହା ଏପ୍ରିଲ ମାସରେ ଶାଳପତ୍ର ପ୍ରସ୍ତୁତ ସାମଗ୍ରୀ ଉପରେ ୮ ପ୍ରତିଶତ ବିକ୍ରି କର ସହିତ ରେଜେଷ୍ଟ୍ରିଭୁକ୍ତ ସଂସ୍ଥାମାନଙ୍କୁ ୧୦ ପ୍ରତିଶତ କେନ୍ଦ୍ରୀୟ ବିକ୍ରିକର ଲାଗୁ କରାଗଲା। ୨୦୦୫ ମସିହା ଏପ୍ରିଲ ମାସରେ ମୂଲ୍ୟଯୁକ୍ତ ଟିକସ(ଭାଟ୍) ବ୍ୟବସ୍ଥା ଲାଗୁହେବାରୁ ଶାଳପତ୍ର ପ୍ରସ୍ତୁତ ସାମଗ୍ରୀକୁ ହସ୍ତଶିଳ୍ପ ଭାବେ ମାନ୍ୟତା ଦିଆଯାଇ ଟିକସମୁକ୍ତ କରାଗଲା। ଫଳରେ ଶାଳପତ୍ର ସାମଗ୍ରୀ ଉପରେ ଟିକସ ତ ରହିଲାନାହିଁ, ରୟାଲଟି ମଧ୍ୟ ଲାଗୁ ହେଲାନାହିଁ।

ସେହି ଏପ୍ରିଲ ମାସ ୧୩ ତାରିଖ ଦିନ ସରକାର ଶାଳପତ୍ର ରୟାଲଟି କ୍ୱିଣ୍ଟାଲ ପିଛା ୬୦ ଟଙ୍କା ହିସାବରେ ଧାର୍ଯ୍ୟ କଲେ। ଏହି ରୟାଲଟି ଧାର୍ଯ୍ୟକୁ ନେଇ ବ୍ୟବସାୟୀମାନଙ୍କ ମତ ହେଲା, ଯେଉଁ ୧୦ ବିଡ଼ା (ବଣ୍ଡଲ) ଶାଳପତ୍ର କ୍ରୟ କରିବା ପାଇଁ ପୂର୍ବରୁ ସେମାନଙ୍କୁ ୯୦ ଟଙ୍କା ଦେବାକୁ ପଡୁଥିଲା, ବର୍ତ୍ତମାନ ରୟାଲଟି ଧାର୍ଯ୍ୟ ପରେ ସେଥିପାଇଁ ସେମାନଙ୍କୁ ୧୦୫ ଟଙ୍କା ଦେବାକୁ ପଡ଼ିବ। ଫଳରେ ବ୍ୟବସାୟରେ ଲାଭର ପରିମାଣ ହ୍ରାସ ପାଇବ ଏବଂ ବ୍ୟବସାୟ ମାନ୍ଦା ହେବ। ଏଣୁ ଏହାର କୁପ୍ରଭାବ ସଂପୂର୍ଣ୍ଣ ବ୍ୟବସାୟ ଉପରେ ପଡ଼ିବ। ବ୍ୟବସାୟ କମିଯିବା ଫଳରେ ଶାଳପତ୍ରର ଅଭାବି ବିକ୍ରି ହେବ ଏବଂ ପ୍ରାଥମିକ ସଂଗ୍ରହକାରୀମାନେ ହିଁ ଏହି ପ୍ରକ୍ରିୟାରେ ସର୍ବାଧିକ କ୍ଷତି ଗ୍ରସ୍ତ ହେବେ। ବ୍ୟବସାୟମାନେ ଏହି ରୟାଲଟି ଆଦାୟକୁ ଆଳକରି ପ୍ରାଥମିକ ସଂଗ୍ରହକାରୀଙ୍କୁ କମ୍ ମୂଲ୍ୟ ଦେବେ।

ଶାଳପତ୍ର ସଂଗ୍ରହ ଏବଂ ବ୍ୟବସାୟ ନିମନ୍ତେ ପ୍ରବର୍ତ୍ତିତ ନୀତିଗୁଡ଼ିକ ସମୟକ୍ରମେ ବାରମ୍ବାର ବଦଳିଛି। ଏପର୍ଯ୍ୟନ୍ତ ଏଥି ନିମନ୍ତେ କୌଣସି ସ୍ଥିର ନୀତି ପ୍ରଣୟନର ବ୍ୟବସ୍ଥା ହୋଇପାରିନାହିଁ। ପ୍ରଥମତଃ, ଶାଳପତ୍ରର ସଂଗ୍ରହ ଏବଂ ବ୍ୟବସାୟକୁ ଜୀବିକା ଉପାର୍ଜନର ଚିରସ୍ଥାୟୀ ମାଧ୍ୟମ ରୂପେ ଗ୍ରହଣ କରିବା ନିମନ୍ତେ ଏଥି ସହିତ ସଂପୃକ୍ତ ଗରିବ ଜଙ୍ଗଲ ଅଧିବାସୀଙ୍କୁ ଅନୁକୂଳ ପରିବେଶ ଯୋଗାଇଦେବା ନିମନ୍ତେ ନୀତିରେ କୌଣସି ବ୍ୟବସ୍ଥା ହୋଇନାହିଁ। ଦ୍ୱିତୀୟତଃ, ଶାଳପତ୍ର ସଂଗ୍ରହ ଫଳରେ ଜଙ୍ଗଲ ଉପରେ ପ୍ରଭାବ ସମ୍ବନ୍ଧରେ ମଧ୍ୟ କୌଣସି ବିଜ୍ଞାନ ସମ୍ମତ ଗବେଷଣାର ଫଳାଫଳ ଉପଲବ୍ଧ ନାହିଁ। ଏଣୁ କୌଣସି ଜଙ୍ଗଲରୁ କୌଣସି ସମୟରେ ଶାଳପତ୍ର ସଂଗ୍ରହ କରିବା ବା ସଂଗ୍ରହ ବନ୍ଦ ରଖିବା ବିଜ୍ଞାନ ସମ୍ମତ ଆଧାର ଉପରେ ହେବା ଆବଶ୍ୟକ।

ଏହିସବୁ ବିଷୟକୁ ଆଖି ଆଗରେ ରଖି ସରକାର ଏହି ଶାଳପତ୍ର ବ୍ୟବସାୟ ସହ ସଂପୃକ୍ତ ବିଭିନ୍ନ ପକ୍ଷମାନଙ୍କ ସହ ବିସ୍ତୃତ ଆଲୋଚନା କରି ଏକ ଦୀର୍ଘମିଆଦୀ ନୀତି ପ୍ରସ୍ତୁତ କରିବା ନିମନ୍ତେ ଧ୍ୟାନ ଦେବା ଜରୁରୀ। ଏହି ନୀତି ଏଭଳି ପ୍ରସ୍ତୁତ ହେବା ଆବଶ୍ୟକ, ଯେପରି ସରକାରଙ୍କର ଆୟ ଓ ଜଙ୍ଗଲ ଅଧିବାସୀଙ୍କର ଜୀବିକାର ସ୍ଥାୟିତ୍ୱ ମଧ୍ୟରେ ସନ୍ତୁଳନ ଥିବ। ଏଥି ସହିତ ଶାଳ ଜଙ୍ଗଲଗୁଡ଼ିକର ସ୍ଥାୟୀତ୍ୱ ଉପରେ ମଧ୍ୟ ଏହି ନୀତିଗୁଡ଼ିକରେ କି କି ପଦକ୍ଷେପ ନିଆଯିବା ଆବଶ୍ୟକ ତାହା ସ୍ପଷ୍ଟ ଉଲ୍ଲେଖ ରହିବା ଉଚିତ।

# ବ୍ୟବସାୟ ଭିତ୍ତିରେ 'ବ୍ରାହ୍ମୀ' ଚାଷ

ଗାଁ ଗହଳିରେ 'ବ୍ରାହ୍ମୀ' (ଥାଲକୁଡ଼ି) ଘରେ ଘରେ ପରିଚିତ । ଗାଁ ମୁଣ୍ଡରେ ଥିବା ବନ୍ଧ କଟାର ପାଣି ଆସୁଥିବା ସ୍ଥାନ ମାନଙ୍କରେ ଏହା ବହୁଳଭାବେ ଦେଖାଯାଇଥାଏ । ଲୋକମାନେ ମୁଣ୍ଡ ପ୍ରବଳ ବ୍ୟଥା ହେଲେ ଏହାର ପତ୍ରକୁ ଛେଚି ତୈଳ ବାହାର କରି ମୁଣ୍ଡରେ ମାଲିସ୍ କରିଥାନ୍ତି । ଏହି ତେଲ ମୁଣ୍ଡ ଥଣ୍ଡା କରିବାରେ ବ୍ୟବହାର କରାଯାଇଥାଏ । ଏହାକୁ ହିନ୍ଦୀ ଭାଷାରେ ଜଳନିମ, ବଙ୍ଗଳାରେ ବରଳି ତଥା ସଂସ୍କୃତରେ ନୀର ବ୍ରାହ୍ମୀ ବୋଲି କହିଥାନ୍ତି । ବ୍ରାହ୍ମୀକୁ ଯଦି ବ୍ୟବସାୟ ଭିତ୍ତିରେ ଚାଷ କରାଯାଇପାରନ୍ତା, ତାହାହେଲେ ଓଡ଼ିଶାର ହଜାର ହଜାର ବେରୋଜଗାର ତଥା କୃଷକମାନେ ସ୍ୱରୋଜଗାରୀ ହେବା ସହ ସେମାନଙ୍କର ଆର୍ଥିକ ମାନଦଣ୍ଡରେ ପରିବର୍ତ୍ତନ ଆସିପାରନ୍ତା ।

ବ୍ରାହ୍ମୀ ଲଟାଉ ଥିବା ଏକ ତୃଣ ଅଟେ । ଏହାର ପତ୍ର ଅତି ଛୋଟ ଛୋଟ ମାଂସାଳ ଓ କୋମଳ ଅଟେ । ଛୋଟ ଛୋଟ ଅର୍ଦ୍ଧଗୋଲାକାର ପତ୍ର ଗୁଡ଼ିକ ବହୁଳ ପରିମାଣରେ ଲତାର କାଣ୍ଡ ଏବଂ ଗଣ୍ଠିରେ ଲାଗିଥାଏ । ପ୍ରତ୍ୟେକ ଗଣ୍ଠିରୁ ପ୍ରାୟତଃ ଚେ଼ର ବାହାରି ଥାଏ । ଫୁଲ ହାଲୁକା ନୀଳ ମିଶ୍ରିତ ଧଳା ରଙ୍ଗର ହୋଇଥାଏ । ଏହାର ଫଳଗୁଡ଼ିକ ଲମ୍ୱା ଏବଂ ଗୋଲ ହୋଇଥାଏ ଯେଉଁଥିରେ ଛୋଟ ଛୋଟ ମଞ୍ଜି ମହଜୁଦ୍ ଥାଏ । ସାଧାରଣତଃ ଗ୍ରୀଷ୍ମ ଋତୁରେ ଏହି ଗଛରେ ଫୁଲ ହୋଇଥାଏ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଫଳଧରେ । ବ୍ରାହ୍ମୀ ସାଧାରଣତଃ ଦୁଇ ପ୍ରକାର ଦେଖିବାକୁ ମିଳିଥାଏ । ପ୍ରଥମଟାକୁ ଜଳବ୍ରାହ୍ମୀ ଓ ଅନ୍ୟଟିକୁ ମଣ୍ଡୁକପର୍ଣ୍ଣି କୁହାଯାଏ । ଅନେକ ବିଶାରଦ ମଣ୍ଡୁକପର୍ଣ୍ଣିକୁ ପ୍ରକୃତ ବ୍ରାହ୍ମୀ (ଥାଲ୍‌କୁଡ଼ି)ର ମାନ୍ୟତା ଦେଉଥିବା ବେଳେ ଅନେକ ଉଭୟକୁ ବ୍ରାହ୍ମୀ ଭାବରେ ବିବେଚନା କରିଥାଆନ୍ତି ।

ହରିଦ୍ୱାରା ନିକଟରେ ଗଙ୍ଗା କୂଳରେ ଶୁଦ୍ଧ ବ୍ରାହ୍ମୀ ଦେଖିବାକୁ ମିଳେ । ବ୍ରାହ୍ମୀ ଲତାର ସ୍ୱାଦ ପିତା ଏବଂ କଟୁଯୁକ୍ତ ହୋଇଥାଏ ।



ବ୍ୟବହାର

ବ୍ରାହ୍ମୀ ଏକ ସର୍ବଗୁଣ ସମ୍ପନ୍ନ ଔଷଧୀୟ ବୃକ୍ଷ ହୋଇଥିବାରୁ ଏହା ବିଭିନ୍ନ ରୋଗରେ ଔଷଧ ରୂପେ ବ୍ୟବହୃତ ହୋଇଥାଏ । ଶରୀରର କୌଣସି କ୍ଷତି ନକରି ଏହା ରୋଗୀର ମାନସିକ ଦୁର୍ବଳତା, ଉତ୍ତେଜନା, ନିଦ୍ରାହୀନତା ଆଦି ରୋଗର ଚିକିତ୍ସାରେ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ମୁଣ୍ଡବ୍ୟଥା, ମୁଣ୍ଡ ଭାରିଭାରି ଲାଗିବା ଆଦି ରୋଗ ପାଇଁ ବ୍ରାହ୍ମୀ ତୈଳକୁ ମୁଣ୍ଡରେ ମାଲିସ୍ କରାଯାଇଥାଏ । ଆୟୁର୍ବେଦ ଚିକିତ୍ସକଙ୍କ ମତରେ ପ୍ରତିଦିନ ସକାଳୁ ଖାଲି ପେଟରେ ୫ଟି ବ୍ରାହ୍ମୀ ପତ୍ରକୁ ଚୋବାଇ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ବ୍ରାହ୍ମୀ ରସ ମୁଣ୍ଡ ଥଣ୍ଡା ତଥା ସ୍ମରଣ ଶକ୍ତି ବୃଦ୍ଧି, ଶ୍ୱାସ ସମ୍ବନ୍ଧୀୟ ରୋଗ ସନ୍ଧୀବାତ ଦୂର କରିବା ତଥା ମସ୍ତିଷ୍କ ଜନିତ ଅନ୍ୟାନ୍ୟ ରୋଗ ପାଇଁ ବ୍ୟବହୃତ ହୁଏ । ଏତଦ୍ ବ୍ୟତୀତ ପରିସ୍ରାପୋଡ଼ା, ମୁଣ୍ଡଜ୍ୱଳା, ମଧୁମେହ, ସର୍ପଦଂଶନ ଚିକିତ୍ସା ଆଦିରେ ମଧ ବ୍ୟବହୃତ ହୋଇଥାଏ ।

ଚାଷ ନିମନ୍ତେ ଜଳବାୟୁ

ବ୍ରାହ୍ମୀ ଗୁଳ୍ମ ପ୍ରାୟ ଏକ ବର୍ଷିୟ ଫସଲ ଅଟେ ଓ ଏହା ଓଦା ଥିବା ଜମିମାନଙ୍କରେ ଭଲ ଅମଳ ହୋଇଥାଏ । ଅପେକ୍ଷକୃତ ଗରମ ଜଳବାୟୁରେ ଏହା ଭଲ ବଢ଼ିଥାଏ । ଏଣୁ ଗ୍ରୀଷ୍ମଋତୁରେ ବ୍ରାହ୍ମୀଚାଷ ନିମନ୍ତେ ପ୍ରକୃଷ୍ଟ ସମୟ । ମାର୍ଚ୍ଚ ରୁ ଜୁନ୍ ମାସ ମଧରେ ଏହି ଗଛକୁ ଲଗାଇ ସେପ୍ଟେମ୍ବର ମାସ ସୁଦ୍ଧା ଅମଳ କରାଯାଇଥାଏ । ଏହି ଗଛ ୩୩° ସେଣ୍ଟିଗ୍ରେଡ ରୁ ୪୦°ସେଣ୍ଟିଗ୍ରେଡ୍ ଉତ୍ତାପରେ ଭଲ ବଢ଼ିଥାଏ । ଜଳବାୟୁରେ ୬୦ ରୁ ୬୫ ପ୍ରତିଶତ ଆର୍ଦ୍ରତା ଏହି ଗଛ ବୃଦ୍ଧିରେ ସାହାୟକ ହୋଇଥାଏ । ସନ୍ତ ସନ୍ତିଆ ତଥା କାଦୁଅ ମାଟି ମାନଙ୍କରେ ଏହି ଚାଷ ଭଲ ହୁଏ ।

ମୃତ୍ତିକା

ଅଧିକ ଅମ୍ଳଥିବା ମୃତ୍ତିକା ଏହି ଚାଷ ନିମନ୍ତେ ଉପଯୁକ୍ତ । ଯେଉଁ ଜମିରୁ ପାଣି ନିଷ୍କାସନ ହେବାର ସୁବିଧା ନଥାଏ ଅଥବା ପାଣି ଜମି ରହୁଥିବା ଜମିରେ ଏହା ଭଲ ବଢ଼େ ।

ପ୍ରଜାତି

ବ୍ରାହ୍ମୀର ଚାଷ ନିମନ୍ତେ ସ୍ଥାନୀୟ ପ୍ରଜାତିକୁ ବାଦଦେଲେ 'ପ୍ରଜାଶକ୍ତି' ଏବଂ ସୁବୋଧକ ଭଳି ଦୁଇଟି ଉନ୍ନତ ପ୍ରଜାତି ଆବିଷ୍କୃତ ହୋଇଛି । ଏହି ଦୁଇ ପ୍ରଜାତି ସ୍ଥାନୀୟ ପ୍ରଜାତି ତୁଳନାରେ ଅଧିକ ଅମଳ ଦେବା ସଙ୍ଗେ ସଙ୍ଗେ ଉନ୍ନତ ଗୁଣମାନର ମଧ ଅଟେ । ଏଣୁ ଚାଷ ନିମନ୍ତେ ଏହି ଦୁଇ ପ୍ରଜାତିକୁ ବ୍ୟବହାର କରାଯାଉଅଛି ।

ବ୍ରାହ୍ମୀ

### ଜମି ପ୍ରସ୍ତୁତି

ପ୍ରଥମେ ଜମିକୁ ଭଲଭାବେ ଚ଼ଷକରି ଏଥିରେ ହେକ୍ଟର ପିଛା ପ୍ରାୟ ୧୨ ଟନ ଗୋବର ଖତ ପ୍ରୟୋଗ କରିବା ଆବଶ୍ୟକ । ଜମିରେ ହେକ୍ଟର ପିଛା ଏକ କ୍ୱିଣ୍ଟାଲ ଚୂନ ମିଶାଇ ଦେଲେ ଏହା ବ୍ରାହ୍ମୀର ଅମଳ ବୃଦ୍ଧିରେ ସାହାଯ୍ୟ କରିଥାଏ । ମଞ୍ଜିବୁଣିବା ପୂର୍ବ ଦିନ ଜମିରେ ହାଲକା ପାଣି ମଡାଇ ଦେବାକୁ ହୋଇଥାଏ ।

### ଗଛ ଲଗାଇବା ପ୍ରଣାଳୀ

ବ୍ରାହ୍ମୀ ଲଗାଇବା ନିମନ୍ତେ ଏହାର ଡାଳକୁ ୧.୫ ରୁ ୨ ଇଞ୍ଚ ଲମ୍ବର ଖଣ୍ଡ କରି କାଟି ଦିଆଯାଏ । ଏହି ପ୍ରତି ଖଣ୍ଡରେ କିଛି ପତ୍ର ଓ ଗଣ୍ଠି ରହିଥିବା ଆବଶ୍ୟକ । ଗଛରୁ ଗଛ ଏବଂ ଧାଡ଼ିରୁ ଧାଡ଼ି ମଧ୍ୟରେ ଦୂରତା ବିଷୟରେ ବିଭିନ୍ନ ସଂସ୍ଥା ବିଭିନ୍ନ ମତ ପୋଷଣ କରିଛନ୍ତି । କେହି କେହି ଗଛରୁ ଗଛ ଏବଂ ଧାଡ଼ିରୁ ଧାଡ଼ି ମଧ୍ୟରେ ୪୦ ସେଣ୍ଟିମିଟର ଦୂରତା ରହିବା ଆବଶ୍ୟକ କହୁଥିବା ବେଳେ କେତେକ ଏହାକୁ ୧୦ ସେଣ୍ଟିମିଟର ବୋଲି କହିଥାଆନ୍ତି । କିନ୍ତୁ ଗଛରୁ ଗଛ ଏବଂ ଧାଡ଼ିରୁ ଧାଡ଼ି ମଧ୍ୟରେ ୩୦ ସେଣ୍ଟିମିଟର ଦୂରତା ରହିଲେ ଅଧିକ ଉତ୍ପାଦନ ହେବାର ଉଦାହରଣ ରହିଛି ।

### ଜଳସେଚ଼ନ

ବ୍ରାହ୍ମୀଚ଼ଷ ନିମନ୍ତେ ପ୍ରଚୁର ପାଣିର ଆବଶ୍ୟକତା ଯୋଗୁଁ ଏଥିରେ ପ୍ରତ୍ୟେକ ସମୟରେ ଜଳସେଚ଼ନ କରିବାକୁ ହୋଇଥାଏ । ଏଣୁ ଗଛ ରୋପଣ କରିବା ସଙ୍ଗେ ସଙ୍ଗେ ଜମିରେ ପାଣି ମଡାଇବାକୁ ହୋଇଥାଏ । ଏହାପରେ ପ୍ରତି ୭ ରୁ ୮ ଦିନ ଅନ୍ତରରେ ଥରେ ଥରେ ପାଣି ମଡାଇବାକୁ ହୋଇଥାଏ ।

### ଚାଷ ପ୍ରଣାଳୀ

ବ୍ରାହ୍ମୀଚ଼ଷ କରିବା ପୂର୍ବରୁ ପ୍ରଥମେ ଜମିକୁ ଭଲ ଭାବେ ହଳ କରି ମାଟିକୁ ଗୁଣ୍ଡ କରାଯାଇଥାଏ । ଏକର ପିଛା ୫ ଗାଡ଼ି ଗୋବରଖତ ମାଟିରେ ମିଶାଇ ଦିଆଯାଇଥାଏ । ଚ଼ରା ଲଗାଇ ବାର ଏକ ଦିନ ପୂର୍ବରୁ ଜମିରେ ପାଣି ମଡାଇ କାଦୁଅ କରି ବ୍ରାହ୍ମୀ ଚ଼ରାର ଛୋଟ ଛୋଟ ଡାଳକୁ ଧାଡ଼ି ଧାଡ଼ି କରି ଲଗାଯାଏ । ଯେପରି ପ୍ରତି ଡାଳ ପିଛା ୩୦ × ୩୦ ସେଣ୍ଟିମିଟର ଦୂରତା ରହିବ । ବର୍ଷର ମାର୍ଚ୍ଚ ରୁ ଜୁନ୍ ମଧ୍ୟରେ ଏହି ଚ଼ଷ କରାଯିବାର ଉତ୍କୃଷ୍ଟ ସମୟ ଅଟେ । ଏହି ଚ଼ଷରେ ବହୁ ପରିମାଣରେ ପାଣିର ଆବଶ୍ୟକତା ଅଛି । ତେଣୁ ଭଲ ଗଛ ବଢିବା ପାଇଁ ପ୍ରତି ସାତ ଦିନରେ ଥରେ ପାଣି ମଡ଼ାଇବା ଦରକାର ପଡ଼େ । ଦୁଇ ଧାଡ଼ି ମଧ୍ୟରେ ଥିବା ହୁଡ଼ାକୁ କୋଦାଳ ସାହାଯ୍ୟରେ ହାଣି ମାଟିକୁ ହାଲୁକା କରିବା ସହ ଘାସ ବଛା ଯାଇଥାଏ ।

### ରୋଗପୋକ

ଗ୍ରାସ ହୋପର ଓ ଟବାକୋ କଟ୍‌ୱାର୍ମ ଏହାର ପ୍ରଧାନ ଶତ୍ରୁ ଅଟନ୍ତି । ଏମାନେ ପତ୍ର ସବୁ ଖାଇ ଯାଆନ୍ତି । ତେଣୁ ନିମ୍ବ ତୈଳ ତଥା ନିମ୍ବ ଅଧାରକ କୀଟନାଶକ ପ୍ରୟୋଗ କଲେ ଅଧିକ ସୁଫଳ ମିଳିଥାଏ ।

### ଅମଳ

ଚ଼ରା ରୋପଣର ୪-୫ ମାସ ପରେ ଏହି ଡାଳରେ ଫଳ ଆସିଥାଏ ଓ ଜମି ବହୁ ସୁନ୍ଦର ଦେଖାଯାଏ । ଏହି ସମୟରେ ଚ଼ଷୀ ତଳୁ ୪ ରୁ ୫ ସେଣ୍ଟିମିଟର ଡାଳ ଛାଡ଼ି ଉପରକୁ କାଟି ନେବା ଦରକାର । ଏହା ମୁଖ୍ୟତଃ ଅକ୍ଟୋବର ଓ ନଭେମ୍ବର ମାସରେ ଅମଳ କରାଯାଏ । ପୁନର୍ବାର ମୂଳରୁ କଅଁଳି ଜୁନ୍ ମାସରେ କଟାଯାଇଥାଏ । କଟା ସରିବା ପରେ ଏହି ଫସଲକୁ ଛାଇରେ ରଖି ମଝିରେ ମଝିରେ ଓଲଟ ପାଲଟ କରାଯାଏ । ଏକ ଏକର ଜମିରୁ ପ୍ରାୟ ୯୦ରୁ ୧୦୦କ୍ୱିଣ୍ଟାଲ ବ୍ରାହ୍ମୀ ଶାଗ ଅମଳ କରାଯାଇଥାଏ । ଶୁଖିଲା ପରେ ପ୍ରାୟ ୨୦% ତଥା ୧୮କ୍ୱିଣ୍ଟାଲ ରହିଥାଏ । ଦ୍ୱିତୀୟ ଥର ପ୍ରାୟ ୬୦ କ୍ୱିଣ୍ଟାଲ ଅମଳ ହୋଇଥାଏ ଓ ପୁର୍ନବାର ଶୁଖିଲା ପରେ ୧୨ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଫସଲ ମିଳିଥାଏ । ଏହିପରି ଭାବରେ ଏକର ପିଛା ବାର୍ଷିକ ୩୦ କ୍ୱିଣ୍ଟାଲ ଶୁଖିଲା ପତ୍ର ମିଳିଥାଏ ।

### ଆୟ ବ୍ୟୟର ହିସାବ

**ବ୍ୟୟ**

| | | |
|---|---|---|
| ଜମି ପ୍ରସ୍ତୁତ | : | ୨୦୦୦.୦୦ |
| ବିହନ | : | ୬୦୦୦.୦୦ |
| ଜୈବିକ | : | ୧୫୦୦.୦୦ |
| ଜଳସେଚ଼ନ | : | ୨୦୦୦.୦୦ |
| କିଟନାଶକ | : | ୫୦୦.୦୦ |
| ଘାସସଫା | : | ୧୦୦୦.୦୦ |
| ଫସଲକଟା | : | ୬୦୦୦.୦୦ |
| ଶୁଖାଇବା | : | ୧୫୦୦.୦୦ |
| ଅନ୍ୟାନ୍ୟ | : | ୧୦୦୦.୦୦ |
| ମୋଟ | : | ୨୧୦୦୦.୦୦ |

**ଆୟ**

କ୍ୟୁଣ୍ଟାଲ ପିଛା ଟ.୧୦୦୦ରେ ବିକ୍ରି
୩୦ କ୍ୱିଣ୍ଟାଲର ଦାମ ଟ.୩୦,୦୦୦
ଏକର ପିଛା ଆୟ ଟ.୫୦୦ ବା ଟ.୧୦,୦୦୦

ବ୍ରାହ୍ମୀକୁ ବ୍ୟବସାୟ ଭିତ୍ତିରେ ଚ଼ଷ କରିବା ପାଇଁ ବିଭିନ୍ନ ବ୍ୟବସାୟିକ ବ୍ୟାଙ୍କ, ରାଜ୍ୟ ଔଷଧୀୟ ବୃକ୍ଷ ପରିଷଦ, ଭୁବନେଶ୍ୱର ବିଭିନ୍ନ ଋଣ ଦେବାର ସୁଯୋଗ ଅଛି । ଫସଲ ବିକ୍ରି ପାଇଁ ରାଜ୍ୟ ଔଷଧୀୟ ବୃକ୍ଷ ପରିଷଦ, ଔଷଧ ନିର୍ମାଣ ତଥା ଜଡ଼ିବୁଟୀ ବିକ୍ରି କରୁଥିବା କମ୍ପାନୀମାନଙ୍କ ସହ ଯୋଗ ସୂତ୍ର କରାଯାଇପାରେ ।

# ଅଣକାଷ୍ଠ ବନଜାତ ଦ୍ରବ୍ୟର ମୂଲ୍ୟଯୋଗ ଓ ବ୍ୟବସାୟ ନିମନ୍ତେ ତାଲିମ କାର୍ଯ୍ୟକ୍ରମ

ଜଙ୍ଗଲରୁ ମିଳୁଥିବା ବିଭିନ୍ନ ଅଣକାଷ୍ଠ ବନଜାତ ଦ୍ରବ୍ୟକୁ ବିକ୍ରିବଟା କରି ଏହାର ସଠିକ୍ ମୂଲ୍ୟ ପାଇବା ନିମନ୍ତେ ପ୍ରାଥମିକ ସଂଗ୍ରହକାରୀ ଏବଂ ପ୍ରାଥମିକ ସଂଗ୍ରହକାରୀମାନଙ୍କର ସଂଗଠନ ନିକଟରେ ଆବଶ୍ୟକୀୟ ସୂଚ଼ନା କୌଶଳ ଏବଂ ଜ୍ଞାନର ଅଭାବ ବର୍ତ୍ତମାନ ଅନୁଭୂତ ହୋଇଛି । ଏହି ଦ୍ରବ୍ୟଗୁଡ଼ିକର ସଫଳ ବ୍ୟବସାୟ କରିବା ଅଧିକ ମୂଲ୍ୟ ପାଇବା ନିମନ୍ତେ ଯେଉଁ କେତୋଟି ଜିନିଷ ମୁଖ୍ୟତଃ ଦାୟୀ, ସେଗୁଡ଼ିକ ମଧ୍ୟରେ ମୂଲ୍ୟଯୋଗ ପ୍ରକ୍ରିୟା (Value addition) ଅନ୍ୟତମ । ପ୍ରତ୍ୟେକ ବନଜାତ ଦ୍ରବ୍ୟକୁ ସଂଗ୍ରହ କଲା ପରେ କୌଣସି ପ୍ରକ୍ରିୟାକରଣ ନକରି ବିକ୍ରୟ କଲେ ଏଥିରୁ ଯେ କେବଳ କମ୍ ଲାଭ ମିଳିଥାଏ ତା ନୁହେଁ; ଅନେକ ସମୟରେ ସଂଗୃହୀତ ଦ୍ରବ୍ୟଟିର ଗୁଣମାନ ମଧ୍ୟ ପ୍ରଭାବିତ ହୋଇଥାଏ ।

ତେଣୁ କିଭଳି ଦ୍ରବ୍ୟଗୁଡ଼ିକୁ ପ୍ରାଥମିକ ପ୍ରକ୍ରିୟାକରଣ ଅଥବା ମୂଲ୍ୟଯୋଗ କଲେ ଏଥିରୁ ଅଧିକ ପଇସା ମିଳିପାରିବ ଏବଂ ବ୍ୟବସାୟରେ ଥିବା ସାଧାରଣତଃ ଅଭାବ ଅସୁବିଧାଗୁଡ଼ିକ ବିଷୟରେ ଅବଗତି ନିମନ୍ତେ ଉତ୍ତର ଘୁମୁସର ବନଖଣ୍ଡର ଭଞ୍ଜନଗରଠାରେ ଥିବା ବନଖଣ୍ଡ ଅଧିକାରୀ ଅଫିସରଙ୍କର ସଭାଗୃହରେ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ଆର୍.ସି.ଡ଼ି.ସି. ସେଣ୍ଟର ଫର୍ ଫରେଷ୍ଟ୍ରି ଆଣ୍ଡ ଗଭର୍ଣ୍ଣାନ୍ସ, ଭୁବନେଶ୍ୱର ତରଫରୁ ଅବିନାଶ ଉପାଧ୍ୟାୟ ଏବଂ ପ୍ରଦୀପ ମହାନ୍ତି ଏହି ତାଲିମ କାର୍ଯ୍ୟକ୍ରମରେ ତାଲିମଦାତାଭାବେ ଯୋଗଦେଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ସଂସ୍ଥା ସହ ଜଡ଼ିତ ଅନ୍ୟୁନ ୬୦ ଜଣ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ । ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମକର୍ତ୍ତା, ବନାଞ୍ଚଳ ଅଧିକାରୀ, ବନରକ୍ଷୀଙ୍କ ବ୍ୟତୀତ କେନ୍ଦ୍ର ସରକାରଙ୍କ ସହାୟତାରେ ଆରମ୍ଭ କରାଯାଇଥିବା "ବନ ଉନ୍ନୟନ ସଂସ୍ଥା" (ଏଫ୍‌ଡ଼ିଏ) କାର୍ଯ୍ୟକ୍ରମରେ ସାମିଲଥିବା ବିଭିନ୍ନ ବନ ସଂରକ୍ଷଣ ସମିତିର (ଭିଏସ୍‌ଏସ୍)ର ସଭାପତି, ସଂପାଦକ ଓ ସଭ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉତ୍ତର ଘୁମୁସର ବନଖଣ୍ଡର ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ସୁଶାନ୍ତ ନନ୍ଦ ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ସୂଚ଼ନା ଦେଇଥିଲେ ଏବଂ ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟରେ ବନ ସଂରକ୍ଷଣ ସମିତିଗୁଡ଼ିକୁ ସାମନା କରିବାକୁ ପଡୁଥିବା ସମସ୍ୟାଗୁଡ଼ିକ ଉପରେ ଆଲୋକପାତ କରିଥିଲେ ।

ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ପ୍ରାଥମିକ ସ୍ତରରେ ପ୍ରକ୍ରିୟାକରଣ ଏବଂ ମୂଲ୍ୟଯୋଗ ପ୍ରକ୍ରିୟା ସମ୍ବନ୍ଧରେ ତାଲିମ ଦିଆଯାଇଥିଲା । ବିଶେଷକରି ୬ଟି ପ୍ରମୁଖ ଅଣକାଷ୍ଠ ବନଜାତ ଦ୍ରବ୍ୟ ଯଥା- ହରିଡ଼ା, ବାହାଡ଼ା, ଅଁଳା, ତେନ୍ତୁଳି, ଭୂଇଁନିମ୍ବ ଏବଂ ଗ୍ୱରର ମୂଲ୍ୟଯୋଗ ପ୍ରକ୍ରିୟା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇଥିଲା । ଏହି ଦ୍ରବ୍ୟଗୁଡ଼ିକୁ ବ୍ୟବସାୟ ଯୋଗ୍ୟକରି କିଭଳି ଅଧିକ ଅର୍ଥ ଉପାର୍ଜନ କରାଯାଇପାରିବ, ଦ୍ରବ୍ୟଗୁଡ଼ିକ ଅଧିକ ସମୟ ପର୍ଯ୍ୟନ୍ତ କିଭଳି ନଷ୍ଟ ନ ହୋଇ ସୁରକ୍ଷିତ ରଖାଯାଇପାରିବ, ସେ ବିଷୟରେ ଆଲୋଚ଼ନା କରାଯାଇଥିଲା । ଏଥିରେ ତୋଳିବାଠାରୁ ଆରମ୍ଭ କରି, ଶୁଖାଇବା, ବର୍ଗୀକରଣ, ଗୋଦାମକରଣ ଆଦି ବିଷୟରେ ତର୍ଜମା କରାଯାଇଥିଲା । ଏଥି ସହିତ ହରିଡ଼ା, ବାହାଡ଼ା ଆଦିକୁ ଭାଙ୍ଗି ମଞ୍ଜି ବାହାର କରିବା, ଅଁଳାକୁ ଅଧିକ ସମୟ ପର୍ଯ୍ୟନ୍ତ ବିକ୍ରିଯୋଗ୍ୟ ଅବସ୍ଥାରେ ରଖିବା ନିମନ୍ତେ ସିଝାଇବା ଓ ବାଷ୍ପୀକରଣ କୌଶଳ ଆଦି ବିଷୟରେ ମଧ୍ୟ ଏଥିରେ ତାଲିମ ଦିଆଯାଇଥିଲା ।

ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ବଜାର ବିକ୍ରିବଟା ଜନିତ ସମସ୍ୟା ସମ୍ବନ୍ଧରେ ତାଲିମ ଦିଆଯାଇଥିଲା । ଏଥିରେ ପରିବହନ, ସଂଗ୍ରହ ଦ୍ରବ୍ୟର ପରିମାଣ, ପ୍ୟାକିଂ, ବଜାର ବ୍ୟବସ୍ଥା ସହିତ ଯୋଗସୂତ୍ର ଆଦି ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା ।

ବିଭିନ୍ନ ଭିଏସ୍‌ଏସ୍‌ର ସଭ୍ୟମାନେ ସେମାନେ ଉପଲବ୍ଧ କରୁଥିବା ଅଭାବ ଅସୁବିଧା ବିଷୟରେ ପଚ଼ାରି ବୁଝିଥିଲେ ଏବଂ ଏହି ତାଲିମକୁ ଏବଂ ଏହାର ସମାଧାନ ନିମନ୍ତେ ତାଲିମ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗୁରୁତ୍ୱରୋପ କରିଥିଲେ କିଭଳି କାମରେ ଲଗାଇ ହେବ ସେ ବିଷୟରେ ଅବଗତ ହୋଇଥିଲେ ।

ସର୍ବଶେଷରେ ଅଂଶଗ୍ରହଣକାରୀମାନଙ୍କୁ ଧନ୍ୟବାଦ ଅର୍ପଣ ସହ ଏହି ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

## କେନ୍ଦୁପତ୍ର ତୋଳାଳୀଙ୍କ ପାଇଁ ଚପଲ କିଣା : ହାଇକୋର୍ଟଙ୍କ କଟକଣା

ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ରାଜ୍ୟର ୯ ଲକ୍ଷ ୩୩ ହଜାର କେନ୍ଦୁପତ୍ର ତୋଳାଳୀଙ୍କୁ ଚପଲ ଯୋଗାଇ ଦେବା ସକାଶେ ଆରମ୍ଭ ହୋଇଥିବା ଚପଲ କିଣା ପ୍ରକ୍ରିୟା ଉପରେ ଓଡ଼ିଶା ହାଇକୋର୍ଟ କଟକଣା ଜାରି କରିଛନ୍ତି । ଚପଲ କିଣା ମାମଲାରେ ନାନାଦି ଗଫଲତି ରହିଥିବା ନେଇ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟର ମାନ୍ୟବର ମୁଖ୍ୟ ବିଚାରପତି ଏସ୍. ବର୍ମନରାୟ ଓ ବିଚାରପତି ଏମ୍. ଏମ୍. ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଚପଲ ଯୋଗାଣ ଆଦେଶ ପାଇଥିବା ରାଜସ୍ଥାନର ବିନ୍‌ସଲ୍ ଇଣ୍ଡଷ୍ଟ୍ରିଜକୁ ଅନ୍ୟାଦେଶଯାଏ ଚପଲ କିଣା ବାବଦକୁ ଅର୍ଥ ମଞ୍ଜୁର ନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି ।

ସ୍ମରଣଯୋଗ୍ୟ, ଗତବର୍ଷ ଜୁନ୍ ୫ ତାରିଖରେ ବନବିଭାଗର ଅତିରିକ୍ତ ମୁଖ୍ୟ କଂଜରଭେଟର (କେନ୍ଦୁପତ୍ର ଡିଭିଜନ) ରାଜ୍ୟର କେନ୍ଦୁପତ୍ର ତୋଳାଳୀଙ୍କ ପାଇଁ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ୯ ଲକ୍ଷ ୩୩ ହଜାର ହଳ ଚପଲ କିଣିବାକୁ ଟେଣ୍ଡର ଆହ୍ୱାନ କରିବା ପରେ ଦେଶର ପ୍ରମୁଖ ୧୨ଟି ଚପଲ ନିର୍ମାଣକାରୀ ଓ ଯୋଗାଣକାରୀ ସଂସ୍ଥା ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଥିଲେ । ଟେଣ୍ଡର ଚୂଡ଼ାନ୍ତ ହୋଇ ନ ଥିବାବେଳେ କଟକର ମଙ୍ଗଳବାଗସ୍ଥିତ ଶ୍ରୀ ଜଗନ୍ନାଥ ସପ୍ଲାଏ ଆଣ୍ଡ ସର୍ଭିସ କୋଅପରେଟିଭ ସୋସାଇଟି ଲିମିଟେଡ ପକ୍ଷରୁ ସୋସାଇଟିର ସଂପାଦକ ସୁଶାନ୍ତ କୁମାର ଦାସ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା କରାଯାଇଥିବା ଏବଂ ଓଡ଼ିଶା ବାହାରର ଏକ ବ୍ୟବସାୟିକ ସଂସ୍ଥାକୁ ବିକ୍ରୟ ସୁବିଧା ଦେବାପାଇଁ ଚକ୍ରାନ୍ତ କରାଯାଇଥିବା ଦର୍ଶାଇ ଏକ ଆବେଦନ ଜରିଆରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ତେବେ ମାନ୍ୟବର ହାଇକୋର୍ଟ ମାମଲାଟିକୁ ଖାରଜ କରିଦେଇଥିଲେ ଓ ପରେ ପରେ ରାଜସ୍ଥାନର ବନ୍‌ସଲ୍ ଇଣ୍ଡଷ୍ଟ୍ରିଜ ଚପଲ ଯୋଗାଣ ଆଦେଶ ମିଳିଥିଲା ।

ଇତିମଧ୍ୟରେ ବନ୍‌ସଲ୍ ଶିଳ୍ପ ସଂସ୍ଥା କର୍ତ୍ତୃପକ୍ଷ ୫୦ ଲକ୍ଷ ଟଙ୍କା ପ୍ରାପ୍ୟ ନେଇସାରି କିଛି ଚପଲ ଯୋଗାଇ ଦେଇଥିବାବେଳେ ସତ୍ୟନାରାୟଣ ଦାସ ଓ ପ୍ରଭାକର ମହାନ୍ତିଙ୍କ ପକ୍ଷରୁ ଚପଲ ଯୋଗାଣ ପ୍ରକ୍ରିୟାରେ ନାନାଦି ଅନିୟମିତତା କରାଯାଇଥିବା ନେଇ ଏକ ରିଟ୍ ପିଟିସନ୍ ହାଇକୋର୍ଟରେ ରୁଜୁ କରାଯାଇଥିଲା । ଅନ୍ୟ ଏକ କମ୍ପାନୀ ଲିଜେଣ୍ଡ୍ ମଧ୍ୟ ଏହି ମାମଲାରେ ଇଣ୍ଟରଭେନର ରୂପେ ପକ୍ଷଭୁକ୍ତ ହୋଇଥିଲା । ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା କି ରାଜ୍ୟରେ ୯ ଲକ୍ଷ ୩୩ ହଜାର ଜଣ କେନ୍ଦୁପତ୍ର ତୋଳାଳି ହିଁ ନ ଥିବାବେଳେ ସେମାନଙ୍କ ନାଁରେ ଚପଲ କିଣାଯିବା ଯୋଜନା ଅତ୍ୟନ୍ତ ଅବାସ୍ତବ ଓ ଉଦ୍‌ଭଟ । ପୁଣି ସବୁ ଲୋକଙ୍କ ପାଦର ମାପ ସମାନ ହୋଇନଥିଲେ ହେଁ ବନ୍‌ସଲ୍ ପକ୍ଷରୁ କେବଳ ୬ ଓ ୭ ନମ୍ବରର ଚପଲ ଯୋଗାଇ ଦିଆଯିବା ମଧ୍ୟ ସନ୍ଦେହଜନକ । ପଂଜୀକରଣ ନ ଥିବା ରାଜ୍ୟ ବାହାରର ଏକ ସଂସ୍ଥା ସରକାରୀ ଦରରୁ କମ ମୂଲ୍ୟରେ କିପରି ଚପଲ ଯୋଗାଇ ଦେବାରେ ସକ୍ଷମ ହେଉଛି ବୋଲି ଆବେଦନକାରୀମାନେ ସଂଶୟ ପ୍ରକଟ କରିଥିଲେ । ପୁଣି ଟେଣ୍ଡର ଚୁକ୍ତି ମୁତାବକ ବନ୍‌ସଲ୍ ପକ୍ଷରୁ ନିର୍ଦ୍ଧାରିତ ସମୟସୀମା ଭିତରେ ଚପଲ ଯୋଗାଇ ଦିଆଯାଇ ନ ଥିବା କଥା ଦର୍ଶାଯାଇ ଚପଲ କିଣା କାରବାରରେ କିକ୍‌ବ୍ୟାକ୍ ହୋଇଥିବା କଥା ସନ୍ଦେହଘେରକୁ ଆସୁଥିବାରୁ ଆବେଦନକାରୀମାନେ ଏହାର ତଦନ୍ତ ପାଇଁ ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । ମାମଲାଟିର ଶୁଣାଣି କରି ମାନ୍ୟବର ହାଇକୋର୍ଟ ବନ୍‌ସଲ୍‌କୁ ବକେୟା ଟଙ୍କା ମଞ୍ଜୁର ନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସହ ଚପଲ କିଣା ଉପରେ ମଧ୍ୟବର୍ତ୍ତୀକାଳୀନ କଟକଣା ଜାରି କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଗ୍ରୀଷ୍ମାବକାଶ ପରେ କରାଯିବାକୁ ଏବଂ ଇତ୍ୟବସରରେ ସରକାରଙ୍କ ପକ୍ଷରୁ ଆଗତ ଅଭିଯୋଗ ଉପରେ ଜବାବ ଦାଖଲ କରାଯିବାକୁ ମାନ୍ୟବର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅମୀୟ କୁମାର ମହାନ୍ତି (୧) ଓ ଇଣ୍ଟରଭେନରଙ୍କ ପକ୍ଷରୁ ଆଇନଜୀବୀ ଆଶୋକ କୁମାର ମହାପାତ୍ର ମୋକଦ୍ଦମା ପରିଚାଳନା କରୁଥିଲେ ।

*ସମ୍ବାଦ, ତାରିଖ: ୧୩/୫/୦୫*

## ଶାଳପତ୍ର ଉପରୁ ରୟାଲଟି ଉଚ୍ଛେଦ ପାଇଁ ଭାଜପାର ଦାବି

ବାରିପଦା: ସଂପ୍ରତି ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଚିଠି ନଂ ୦୬୬୯୦ ତା ୧୩.୪.୦୫ରେ ଶାଳପତ୍ର ଓ ଏଥିରୁ ଉତ୍ପାଦିତ ସାମଗ୍ରୀ ଉପରେ ରୟାଲଟି ଆଦାୟ ପାଇଁ ନିର୍ଦ୍ଦେଶନାମା ଜାରି କରାଯିବା ପରେ ମୟୂରଭଞ୍ଜ ଜିଲ୍ଲା ଶାଳପତ୍ର ତୋଳାଳୀ ଓ ବ୍ୟବସାୟୀମାନଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇ ବେତନଟୀ ବଜାର ବନ୍ଦ କରାଯିବା ସହ ତୁରନ୍ତ ରୟାଲଟି ଆଦାୟକୁ ପ୍ରତ୍ୟାହାର ପାଇଁ ଦାବି କରାଯାଇଛି । ଜିଲ୍ଲା ଭାଜପା ପକ୍ଷରୁ ରୟାଲଟି ଉଚ୍ଛେଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଯାଇଥିବା ଭାଜପାର ଜିଲ୍ଲା ମୁଖପତ୍ର ଦୀପକ କୁମାର ବେହେରା ଓ ଜିଲ୍ଲା ସଭାପତି ଜୀବନ ସାହୁ ମିଳିତ ଭାବେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଶ୍ରୀ ବେହେରା ସାମ୍ବାଦିକମାନଙ୍କୁ କହିଥିଲେ ଯେ,ଜିଲ୍ଲାର ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଶାଳପତ୍ର ଜନିତ କୁଟୀରଶିଳ୍ପ ମାଧ୍ୟମରେ ଆତ୍ମ ନିର୍ଭରଶୀଳ ହୋଇଛନ୍ତି । ଜିଲ୍ଲାରେ ଅନ୍ୟ କୌଣସି ଶିଳ୍ପ ପ୍ରସାର ହୋଇନଥିବା ବେଳେ ଆଦିବାସୀ ଗରିବମାନେ ଶାଳପତ୍ର ତୋଳି ଏଥିରେ ଖଲିଦାନା ପ୍ରସ୍ତୁତ କରି ନିଜର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି । ଉକ୍ତ ଜିଲ୍ଲାରୁ ବାର୍ଷିକ ହାରାହାରି ୧୦୦ କୋଟି ଟଙ୍କାର ଶାଳପତ୍ର ପ୍ରସ୍ତୁତ ସାମଗ୍ରୀର ବ୍ୟବହାର ହୋଇଥାଏ । ସୁଦୁର ମୁମ୍ବାଇ, କୋଲକତା, ବନାରସ, ଦିଲ୍ଲୀ, ଚେନାଇ ଆଦି ସ୍ଥାନକୁ ଶାଳପତ୍ର ସାମଗ୍ରୀ ମଧ୍ୟ ଯୋଗାଣ ହୋଇଥାଏ । ସଂପ୍ରତି ରାଜ୍ୟ ସରକାର ରୟାଲଟି ଧାର୍ଯ୍ୟ କରିବା ଫଳରେ ବାହାର ବ୍ୟବସାୟୀ ଉକ୍ତ ଜିଲ୍ଲାରୁ ଶାଳପତ୍ର ପ୍ରସ୍ତୁତ ସାମଗ୍ରୀ ନକିଣି ପଡ଼ୋଶୀ ରାଜ୍ୟ ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ କିଣିବା ଯୋଗୁଁ ଏହି ଶିଳ୍ପର ବ୍ୟାପକ କ୍ଷତି ହୋଇଛି । ଫଳରେ ଶାଳପତ୍ର ତୋଳାଳୀମାନେ ଜୀବିକା ହରାଇବା ପ୍ରାୟ ନିଶ୍ଚିତ ହୋଇଯାଇଛି ବୋଲି ସେମାନେ ପ୍ରକାଶ କରିଥିଲେ । ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ପୁନର୍ବିଚାର କରି ରୟାଲଟି ଉଚ୍ଛେଦ ପାଇଁ ସେମାନେ ଏହି ସାମ୍ବାଦିକ ସମ୍ମିଳନୀ ଦାବି କରିଥିଲେ ।

*ସମୟ , ତାରିଖ: ୧୨/୫/୦୫*

## ଗନ୍ଧମାର୍ଦ୍ଦନ ପାହାଡ଼ରେ ଥିବା ଔଷଧୀୟ ବୃକ୍ଷଗୁଡ଼ିକୁ ନେଇ ପ୍ରସ୍ତାବିତ ବନସ୍ପତି ବନ ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ଆଶଙ୍କା

କେନ୍ଦ୍ର ସରକାରଙ୍କ ସହାୟତାରେ ଗନ୍ଧମାର୍ଦ୍ଦନ ନୃସିଂହନାଥ ପାର୍ଶ୍ୱର ୧୫ଟି ଗ୍ରାମ ଓ ହରିଶଙ୍କର ପାର୍ଶ୍ୱରେ ଥିବା ୧୨ଟି ଗ୍ରାମ ତଥା ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ପ୍ରତିଷ୍ଠା ହେବାକୁଥିବା ପ୍ରସ୍ତାବିତ ବନସ୍ପତିବନ ପ୍ରକଳ୍ପ କାର୍ଯ୍ୟ କାର୍ଯ୍ୟକାରୀ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏଥିନେଇ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଏହାର କାର୍ଯ୍ୟକାରୀତା ନେଇ ସନ୍ଦେହ ସୃଷ୍ଟି ହୋଇଛି । ଗନ୍ଧମାର୍ଦ୍ଦନ ପାହାଡ଼ରେ ଔଷଧୀୟ ବୃକ୍ଷ ଆଦିମ ଅନାଦୀ କାଳରୁ ପ୍ରାକୃତିକ ପରିବେଶ ମଧ୍ୟରେ ବଢ଼ି ଆସିଛି । ଏଥି ମଧ୍ୟରୁ ଅଶ୍ୱଗନ୍ଧା, ସତାବରୀ, ଅନନ୍ତମୂଳ, ବିଡଙ୍ଗ, ମୋଦଗତୀର୍ଣ୍ଣ, ମୁସଲି, ଭୂମିକୂସମମାଣ୍ଡ, ବ୍ରହ୍ମଦଣ୍ଡି, ସୁଦନ ଫଳ, ଶାଇପୂର୍ଣ୍ଣ, ମହାନୀଳ ଶଙ୍ଖପୁଷ୍ପ, ଗୂଲ୍ୱତି ଓ ଭୂଇଁଲିମ୍ବ ଭଳି ୨୦୦ରୁ ଉର୍ଦ୍ଧ୍ୱବୃକ୍ଷ ରହିଛି । ଏହି ଔଷଧୀୟ ବୃକ୍ଷଗୁଡ଼ିକର ତେଲ, ଛେଲି, ପତ୍ର ଓ ଫୁଲକୁ ବ୍ୟବହାର କରି ବୈଦମାନେ ଆର୍ଯୁବେଦିୟ ପଦ୍ଧତି ଅନୁସରଣ କରି ପାରମ୍ପରିକ ତୈଳ, ରସାୟନ ତଥା ଔଷଧ ପ୍ରସ୍ତୁତ କରିଥାଆନ୍ତି । ଗରିବ ଲୋକମାନଙ୍କ ପାଇଁ ଏଲୋପ୍ୟାଥିକ ଔଷଧ ବ୍ୟୟ ବହୁଳ ତଥା ବିଭିନ୍ନ କ୍ଷେତ୍ରରେ ପାର୍ଶ୍ୱ ପ୍ରତିକ୍ରିୟା ଯୁକ୍ତ ହେଉଥିବାରୁ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଆୟୁବେଦୀୟ ଔଷଧ ଉପରେ ଲୋକମାନଙ୍କର ଭରସା ରହିଆସିଛି ଓ ଏଥପ୍ରତି ସାଧାରଣରେ ଆଗ୍ରହ ଅଧିକ ପରିମାଣରେ ବୃଦ୍ଧି ପାଉଛି । ବ୍ୟାପକ ଜଙ୍ଗଲ କ୍ଷୟ ଏବଂ ଜୈବ ବିବିଧତାର ଅବକ୍ଷୟ ଯୋଗୁଁ ବହୁ ଔଷଧୀୟ ବଅକ୍ଷ ପ୍ରଜାତି ଓ ଗୁଳ୍ମଲତା ନିଶ୍ଚିତ ହୋଇଯାଉଥିବାରୁ ପାହାଡ଼ ପର୍ବତ ଓ ଜଙ୍ଗଲର ପ୍ରାକୃତିକ ପରିବେଶ ମଧ୍ୟରେ ବୃଦ୍ଧି ଲାଭ କରୁଥିବା ଔଷଧୀୟ ବୃକ୍ଷଗୁଡ଼ିକର ସଂରକ୍ଷଣ ଓ ପ୍ରସାର ପାଇଁ କେନ୍ଦ୍ରସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ବନସ୍ପତି ବନ ସମିତି ଗଠନ କରାଯାଇଥିଲା । ରାଜ୍ୟ ସରକାରଙ୍କ ପ୍ରମୁଖ ବନ ସଂରକ୍ଷଣଙ୍କ ଅଧକ୍ଷତାରେ ଆର୍ଯୁବେଦ ଚିକିତ୍ସା କ୍ଷେତ୍ରରେ ଖ୍ୟାତି ଲାଭ କରିଥିବା ବିଶେଷଜ୍ଞମାନେ ଏହି କମିଟିରେ ରହିଥିଲେ । ୨୦୦୨ ମସିହାରେ କେନ୍ଦ୍ରୀୟ ଆର୍ଯୁବେଦ ଗବେଷଣା ପରିଷଦର ଶ୍ରୀ ଏମ୍.ଆର୍.ୟୁନିଆଇ, ପରିବାର କଲ୍ୟାଣ ମନ୍ତ୍ରଣାଳୟର ସହକାରୀ କମିଶନର ଓ ଧର୍ମରାଜ ସିଂହଙ୍କ ଭଳି ଆର୍ଯୁବେଦ ଗବେଷଣା ଅଧିକାରୀମାନେ ଗନ୍ଧମାର୍ଦ୍ଦନ ପାହାଡ଼ର ନୃସିଂହନାଥ ଓ ହରିଶଙ୍କର ଅଞ୍ଚଳ ପରିଦର୍ଶନ କରିବା ପରେ ବନସ୍ପତି ବନ ପ୍ରକଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଗନ୍ଧମାର୍ଦ୍ଦନ ପାହାଡ଼ ହିଁ ଉପଯୁକ୍ତ ସ୍ଥାନ ବୋଲି କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେଇଥିଲେ । ଏଥିପାଇଁ କେନ୍ଦ୍ର ୫ କୋଟି ଟଙ୍କା ଅନୁଦାନ ଯୋଗାଇ ଦେବ ବୋଲି ମଞ୍ଜୁର ହୋଇଥିଲା । ପ୍ରଥମ ଦଫାରେ ୫ ଲକ୍ଷ ଟଙ୍କା ଆସିଥିଲା ଓ ଦ୍ୱିତୀୟ ଦଫାରେ ୫୦ ଲକ୍ଷ ଟଙ୍କାରେ ଆସିଥିଲେ ପରବର୍ତ୍ତୀ କାର୍ଯ୍ୟ ଆରମ୍ଭ ହେବା ପାଇଁ ସ୍ଥିର ହେଉଥିଲେ ହେଁ ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ବରଗଡ଼ ଓ ବଲାଙ୍ଗୀର (ପଶ୍ଚିମ) ଡ଼ି.ଏଫ୍. ଓ.ଙ୍କ ଜରିଆରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ହେବା କଥା ମାତ୍ର ତାହା ତ୍ୱରାନ୍ୱିତ ହୋଇପାରିନାହିଁ । ଓଡ଼ିଶାର ପଡ଼ୋଶୀ ଛତିଶଗଡ଼ ରାଜ୍ୟରେ ୯ଟି ବନସ୍ପତି ବନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । କାର୍ଯ୍ୟ ଆରମ୍ଭ ଆରମ୍ଭ ହେବ ବୋଲି ହୋଇ ତିନି ବର୍ଷ ଗଲାଣି । ମାତ୍ର ଏପର୍ଯ୍ୟନ୍ତ ଓଡ଼ିଶାରେ ଏହା ତ୍ୱରାନିତ ହୋଇପାରୁନାହିଁ । ପ୍ରାୟ ୮୦ ଜଣ ଔଷଧୀୟ ବୃକ୍ଷ ଗ୍ରଷ କରିବା ପାଇଁ ରାଜି ହୋଇ ଆସିଥିଲେ ହେଁ ଏପର୍ଯ୍ୟନ୍ତ ତାହା ତ୍ୱରାନ୍ୱିତ ହୋଇ ପାରିନାହିଁ । ଜଙ୍ଗଲ ବିଭାଗ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବୀ ହେଉଛି ।

*ପର୍ଯ୍ୟବେକ୍ଷକ, ତାରିଖ: ୨୪/୫/୦୫*

## ଶାଳପତ୍ରରେ ରୟାଲଟି ଯୋଗୁଁ ୨୫ ଲକ୍ଷ ଲୋକଙ୍କ ଭାଗ୍ୟ ସୂତାଖିଅରେ

ବେତନଟୀ: ଶାଳପତ୍ର ଥାଳି, ଠୋଲା ଓ ଟ୍ରେ ଉତ୍ପାଦନର ମୁଖ୍ୟକେନ୍ଦ୍ର ହେଉଛି ମୟୂରଭଞ୍ଜ । ମାତ୍ର ଏହି ଜିଲ୍ଲାର ବେତନଟୀ ହିଁ ଏସବୁ ପତ୍ର ନିର୍ମିତ ସାମଗ୍ରୀର ପ୍ରାଣକେନ୍ଦ୍ର । ଜିଲ୍ଲାର ପ୍ରାୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ (ଆଦିବାସୀ ସମ୍ପ୍ରଦାୟର) ନିଜର ଜୀବିକାନିର୍ବାହ ପାଇଁ ଶାଳପତ୍ର ଉପରେ ନର୍ଭର କରନ୍ତି । ରାଜ୍ୟ ସରକାରଙ୍କ ତରଫରୁ ଶାଳପତ୍ର ଉପରେ ରୟାଲ୍‌ଟି ଲାଗୁ କରାଯିବା ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାମାନଙ୍କରରେ ଥିବା ଲକ୍ଷ ଲକ୍ଷ ପତ୍ର ତୋଳାଳୀ ଓ ପତ୍ର ନିର୍ମିତ ସାମଗ୍ରୀ ବ୍ୟବସାୟରେ ସଂପୃକ୍ତ ବ୍ୟକ୍ତିମାନଙ୍କ ପେଟରେ ସରକାର ନାତ ମାରିବା ଭଳି ହୋଇଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚିତ ହେଉଛି । ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ଓ ପରିବେଶ ବିଭାଗ ପକ୍ଷରୁ ନିକଟରେ ଶାଳପତ୍ର ଉପରେ ପ୍ରତି କୁଇଣ୍ଟାଲ୍ ପିଛା ୬୦ ଟଙ୍କା ଲେଖାଏଁ ରୟାଲଟି ଆଦାୟ କରିବା ପାଇଁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି । ଆମ ଜିଲ୍ଲାରୁ ପ୍ରସ୍ତୁତ ଶାଳପତ୍ର ନିର୍ମିତ ଦ୍ରବ୍ୟମାନ କେବଳ ଯେ ରାଜ୍ୟ ମଧ୍ୟରେ ସୀମିତ ରହିଛି ତାହା ନୁହେଁ, ରାଜ୍ୟ ବାହାରେ ଏହାର ଚାହିଦା ବହୁପରିମାଣର ବୃଦ୍ଧି ପାଇଥିଲେ ମଧ୍ୟ ରୟାଲଟି ବୃଦ୍ଧି ଯୋଗୁଁ ବ୍ୟବସାୟୀଙ୍କ ମନରେ କୋକୁଆଭୟ ସୃଷ୍ଟି କରିଛି । ବିହାର, ପଶ୍ଚିମବଙ୍ଗରେ ଏହି ଶାଳପତ୍ର ତିଆରି ସାମଗ୍ରୀ ଉପରେ ରୟାଲଟି ନଥିବା ଯୋଗୁଁ ସେମାନଙ୍କ ବ୍ୟବସାୟ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଜଣାପଡ଼ିଛି । ଏ ସଂକ୍ରାନ୍ତରେ କେତେକ ବ୍ୟବସାୟୀଙ୍କ ସହ ଯୋଗାଯୋଗ କରିବାକୁ ସେମାନେ ନିଜକୁ ସରକାରଙ୍କ ବିମାତା ସନ୍ତାନ ବୋଲି ପରିଚିତ କରାଉଥିବା ଜଣାପଡ଼ିଛି । ସରକାରଙ୍କର ଏତାଦୃଶ ପଦକ୍ଷେପକୁ ବ୍ୟବସାୟୀମାନଙ୍କ ଦାବିକୁ ଗ୍ରହଣ କରି ରୟାଲଟି ହାର ହ୍ରାସ ନକରନ୍ତି ତେବେ ବ୍ୟବସାୟୀ ସଂଗଠନ ପକ୍ଷରୁ ଆନ୍ଦୋଳନର ରାସ୍ତା ପରିଷ୍କାର ହୋଇଯିବ ବୋଲି ଚେତାବନୀ ଦିଆଯାଇଛି । ପୂର୍ବରୁ ସରକାର ଏହି ଶାଳପତ୍ର ନିର୍ମିତ ଜିନିଷକୁ କୁଟୀରଶିଳ୍ପର ଆଖ୍ୟା ଦେଇଥିଲେ ମଧ୍ୟ ବର୍ତ୍ତବାନ ବୈମାତୃକ ମନୋଭାବ ପୋଷଣ ଯୋଗୁଁ ବ୍ୟବସାୟୀ ତଥା ଶାଳପତ୍ର ତୋଳାଳୀ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ହୋଇଛି । ଶାଳପତ୍ର ପ୍ରସ୍ତୁତି ସାମଗ୍ରୀ ଉତ୍ପାଦାନ କରି ମୟୂରଭଞ୍ଜର ଗରିବ ଆଦିବାସୀମାନେ ନିଜର ପରିବାର ଭରଣପୋଷଣ ପୁରୁଷାନୁକ୍ରମିକ କରିଆସିଥିଲେ ମଧ୍ୟ ବର୍ତ୍ତମାନ ପରିସ୍ଥିତିରେ ମୁଠାଏ ଭାତ ପାଇଁ ସେମାନଙ୍କୁ ବାରଦୁଆର ବୁଲିବାକୁ ପଡ଼ିବ । ରାଜ୍ୟ ତଥା ଜିଲ୍ଲାର ଅର୍ଥନୈତିକ ଅବନତି ଘଟିବା ସହ ସ୍ଥିତି ମଧ୍ୟ ଦୁର୍ବଳ ହୋଇପଡ଼ିବ ।

ଅନ୍ୟ କ୍ଷେତ୍ରରେ ସରକାର କର୍ମନିଯୁକ୍ତି ଯୋଗାଇବାରେ ସମର୍ଥ ହୋଇପାରୁନଥିବା ବେଳେ ଅନ୍ୟପକ୍ଷରେ ଶାଳପତ୍ର ଉପରେ ରୟାଲଟି ଧାର୍ଯ୍ୟ କରି ଜନଅସ୍ଥିରତା ସୃଷ୍ଟି କରୁଛନ୍ତି ବୋଲି ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି । କେତେକ ପୁରାତନ କାରିଗର ଏହି ଶାଳପତ୍ର ଦନାଥାଳି ମେସିନ୍ ମାଧ୍ୟମରେ ତିଆରି କରି ଦୈନିକ ଏକଶହରୁ ଏକ ଶହ ପଚାଶ ପର୍ଯ୍ୟନ୍ତ ଟଙ୍କା ରୋଜଗାର କରିଥାନ୍ତି । ଏହି ସବୁ କଟକଣା ଯୋଗୁଁ ତଥା ନିଜର ରୋଜଗାର ବନ୍ଦ ହେବାକୁ ବସିଥିବା ଦୃଷ୍ଟିରୁ ବର୍ତ୍ତମାନର ସରକାର ଯଦି ସଠିକ ବିଚାର ନକରି ନିଜ ଜିଦରେ ଅଟଳ ରହନ୍ତି ତା'ହେଲେ ସରକାରଙ୍କୁ ଏହା ନିଶ୍ଚିତ ରୂପେ ମହଙ୍ଗା ପଡ଼ିବ ବୋଲି ଚେତାବନୀ ଦିଆଯାଇଛି ।

*ସମୟ, ୧୬/୫/୦୫*

# 'ଦୁଦୁରା' ଘରୋଇ ଚିକିତ୍ସା ନିମନ୍ତେ ଏକ ବନୌଷଧି

ପ୍ରାୟ ପ୍ରତ୍ୟେକ ଲୋକଙ୍କର ବାଡ଼ିବଗିଚ୍ଚାରେ ଦୁଦୁରାଗଛ ଦେଖିବାକୁ ମିଳିଥାଏ । ଏହାକୁ ଧାତୁରା, ଶିବପ୍ରିୟା ଏବଂ ଶିବଶଙ୍କର ମଧ୍ୟ କୁହାଯାଇଥାଏ । ଏହା ଏକ ଗୁଳ୍ମ ଜାତୀୟ ଉଦ୍ଭିଦ । ଏହି ଗଛ କିନ୍ତୁ ଦେଖିବାକୁ କଳା ଓ ଧଳା ଦୁଇପ୍ରକାର । ସାଧାରଣତଃ ଔଷଧ ପ୍ରସ୍ତୁତ ନିମନ୍ତେ କଳା ଦୁଦୁରାକୁ ବ୍ୟବହାର କରାଯାଇଥାଏ । ଧଳା ଦୁଦୁରାର ମଧ୍ୟ ଔଷଧୀୟ ଗୁଣ ରହିଛି । ଏହି ଗଛର ପତ୍ରରେ ହାଇଓସିଆମିନ୍ ନାମକ ଏକ ଉପକ୍ଷାର ମହଜୁଦ୍ ଥାଏ ।

ଏହି ଗଛର ଫୁଲଗୁଡ଼ିକ କାହାଳୀ ପରି ଲମ୍ବା । ଫଳଗୁଡ଼ିକ ଗୋଲ ଏବଂ ଉପରେ କଣ୍ଟାଯୁକ୍ତ ହୋଇଥାଏ । ଏହାର ପତ୍ର, ଫଳ ଏବଂ ମଞ୍ଜିକୁ ଔଷଧରୂପେ ବ୍ୟବହାର କରାଯାଇଥାଏ ।

ଔଷଧୀୟ ବ୍ୟବହାର

କଳା ଦୁଦୁରା ପତ୍ରକୁ ଶୁଖାଇ ପିକାବଳି ଧୂଆଁ ଗ୍ରହଣ କଲେ ବହୁ ପୁରାତନ କାଶ ଓ ଶ୍ୱାସ ରୋଗ ଭଲ ହୋଇଥାଏ । ଅନେକ ଦିନ ଧରି, ଗର୍ଭସଞ୍ଚାର ହେଉନଥିଲେ ଶୁଦ୍ଧସ୍ନାନ ଦିନଠାରୁ ଏକ ସପ୍ତାହ ପର୍ଯ୍ୟନ୍ତ କଳା ଦୁଦୁରା ଫୁଲର ଚୂର୍ଣ୍ଣ ଏକ ରତି ଅଳ୍ପ ମହୁ ମିଶାଇ ଦୁଇ ବେଳା ସେବନ କଲେ ବନ୍ଧ୍ୟା ସ୍ତ୍ରୀର ଗର୍ଭୋଦୟ ହୋଇଥାଏ ।

କିଛି କଳା ଦୁଦୁରା ମଞ୍ଜିକୁ ପ୍ରଥମେ ଅଳ୍ପ ପାଣିରେ ମିଶାଇ ଭଲ ଭାବରେ ବାଟିବ । ଏହାପରେ ଏହି ବଟାକୁ ଚାରି ପାଞ୍ଚ ସେର ମଇଁଷି କ୍ଷୀରରେ ମିଶାଇ ନିଆଁରେ ବସାଇ ସିଝାଇବ । ସେହି କ୍ଷୀରକୁ ଦହି ବସାଇ ସେଥିରୁ ଲହୁଣୀ ବାହାରକରିବା ପରେ ସେହି ଲହୁଣୀକୁ ମାରି ଘିଅ ପ୍ରସ୍ତୁତ କରିବ । ଏହି ଘିଅକୁ ପାନ ସଂଗେ ଖାଇଲେ କୌଣସି ପୁରୁଷ ବ୍ୟକ୍ତିର ଇନ୍ଦ୍ରିୟ ଶିଥିଳତା, ନଂପୁସକତା ଆଦି ରୋଗରୁ ମୁକ୍ତି ମିଳିଥାଏ ।

ଧଳା ଦୁଦୁରା ପତ୍ର ବାଟି ଖାଇଲେ ସବୁବେଳେ ପାଟିରୁ ଲାଳ ଗଡ଼ିବା ବନ୍ଦ ହୋଇଥାଏ ।

ଦୁଦୁରା ପତ୍ରକୁ ବାଟି ଏହାର ରସକୁ ଲଗାଇଲେ ଗାଲୁଆ ରୋଗ ଭଲ ହୋଇଥାଏ ।

କାନରେ ଯାବତୀୟ ପ୍ରକାର ରୋଗ ଯଥା କାନରେ ପୂଜହେବା, ବଥହେବା, କାନ ବିନ୍ଧିବା, ବାଧିରତା ଆଦି ନିମନ୍ତେ କଳା ଦୁଦୁରା ପତ୍ରର ରସ ସହିତ ସମାନ ପରିମାଣର ରାଶିତେଲକୁ ନିଆଁରେ ରାନ୍ଧି ଅଳ୍ପ ଉଷୁମ ଥାଉ ଥାଉ କାନରେ ପକାଇଲେ ଭଲ ଫଳ ମିଳିଥାଏ । କଳାଦୁଦୁରା ଫଳକୁ ମଧ୍ୟ ରାଶି ତେଲ କିମ୍ବା ସୋରିଷ ତେଲରେ ରାନ୍ଧି ପକାଇଲେ ସମାନ ଫଳ ମିଳିଥାଏ ।

ପ୍ରସବ ଜନିତ ବେଦନା ହ୍ରାସ ନିମନ୍ତେ ଶନିବାର କିମ୍ବା ରବିବାର କଳା ଦୁଦୁରା ଚେରକୁ ସଂଗ୍ରହ କରି ସେହି ଚେ଼ର ଧୂଆ ପାଣି ଦେଲେ ଭଲ ଫଳ ମିଳିଥାଏ । ଏହି ଚେ଼ରକୁ ମୁଣ୍ଡରେ ଖୋଷିଲେ ଶୀଘ୍ର ଫୁଲ ନପଡୁଥିଲେ ପଡ଼ିଯାଏ ।

ଉକୁଣୀ ପ୍ରତିରୋଧ ପାଇଁ ଦୁଦୁରା ପତ୍ର ରସକୁ ମୁଣ୍ଡରେ ଲଗାଇଲେ ଭଲ ଫଳ ମିଳିଥାଏ ।

ଗୋଡ଼ହାତ ଫୁଲିଲେ କଳା ଦୁଦୁରା ପତ୍ରରେ ଗାଇ ଘିଅ ଅବା ଖାଣ୍ଟି ସୋରିଷ ତେଲ ଲଗାଇ ନିଆଁରେ ପତ୍ରକୁ ସେକି ଫୁଲା ଉପରେ ପଟି ବାନ୍ଧିଲେ ଫୁଲା କମିଯାଏ । ଗୋଡ଼ହାତ ଦରଜ ହେଉଥିଲେ ଏହି ପତ୍ରର ରସରେ ଅଫିମ ଏବଂ ସୋରିଷ ତେଲ ମିଶାଇ ନିଆଁରେ ପାକକରି ମାଲିସ୍‌କଲେ ଦରଜରୁ ଉପଶମ ମିଳିଥାଏ । କଳା ଦୁଦୁରା ପତ୍ରର ରସକୁ ରାଶି ତେଲର ପାକ କରି ସେହି ତେଲକୁ ପାଦରେ ମାଲିସ୍ କଲେ ଗୋଡ଼ ଘୋଳା ବିନ୍ଧା କମିଥାଏ ।

କଳା ଦୁଦୁରାପତ୍ରର ରସ ସହିତ କିଛି ଲେମ୍ବୁ କିମ୍ବା ଟଭା ରସ ମିଶାଇ ମୁଣ୍ଡରେ ଲଗାଇଲେ ଅକାଳରେ କେଶ ପାଚିଯିବାରୁ ରକ୍ଷା ମିଳିଥାଏ । ଏହି ଉପାୟରେ ଚନ୍ଦାମୁଣ୍ଡରେ ମଧ୍ୟ କେଶ ଉଠିଥାଏ ।

ବ୍ରଣ ବା ବିଇଞ୍ଚ୍ ଆଦି ଚର୍ମରୋଗରେ କଳା ଦୁଦୁରା ଫଳକୁ ପୋଡ଼ି ସେହି କ୍ଷାରକୁ ସୋରିଷ ତେଲରେ ମିଶାଇ ଲଗାଇଲେ ଏହା ଭଲ ଫଳ ଦେଇଥାଏ ।

ଥନହରା ରୋଗରୁ ଉପଶମ ନିମନ୍ତେ କଳା ଦୁଦୁରା ଚେରକୁ ହଳଦି ସହ ବାଟି ସେହି ସ୍ଥାନରେ ଲେପ ଦେବାକୁ ହୋଇଥାଏ । କଳା ଦୁଦୁରା ଚେ଼ରକୁ ହଳଦୀ ସହ ବାଟି ଲେପଦେଲେ ମଧ୍ୟ ଉପକାରୀ ହୋଇଥାଏ ।

ଯାବତୀୟ ଚକ୍ଷୁରୋଗର ଉପଶମ ନିମନ୍ତେ କଳା ଦୁଦୁରା ପତ୍ରର ରସକୁ ସାମାନ୍ୟ ଉଷୁମକରି କାନରେ ପକାଇଲେ ସୁଫଳ ମିଳିଥାଏ ।

ପାଗଳା କୁକୁର କାମୁଡ଼ା ବିଷ ବିନଷ୍ଟ ପାଇଁ ମଧ୍ୟ ଏହି ପତ୍ର କାମରେ ଲାଗିଥାଏ । ଦୁଦୁରା ପତ୍ର ରସ, ଦୁଗ୍ଧ, ଆଖୁଗୁଡ଼ ଏବଂ ଘିଅ ଏହି ସମସ୍ତ ପଦାର୍ଥରୁ ଦୁଇତୋଳା ରୋଗୀକୁ ପ୍ରତ୍ୟହ ପିଆଇଲେ କୁକୁର କାମୁଡ଼ା ବିଷ ନଷ୍ଟ ହୋଇଥାଏ ।

*(ବିଭିନ୍ନ ପୁସ୍ତକରୁ ସଂଗୃହୀତ)*